cbc 22201/13/0311/2324

ମୋଦୀ ସରକାରଙ୍କ ଗ୍ୟାରେଣ୍ଟି

ଦିବ୍ୟାଙ୍ଗଜନଙ୍କୁ ସମ୍ମାନ

27 ଲକ୍ଷ ଦିବ୍ୟାଙ୍ଗଜନଙ୍କୁ ସାମାଜିକ ସଶକ୍ତିକରଣ ଶିବିରରେ ସହାୟକ ଉପକରଣ ଓ ଯନ୍ତ୍ରର ବିତରଣ

ଆମ ସଂକଳ୍ପ ବିକଶିତ ଭାରତ

ଅଧିକ ସୂଚନା ପାଇଁ ସ୍କାନ୍ କରନ୍ତୁ



● ଯାଜପୁର ମୁଖ୍ୟ ଡାକ୍ତରଖାନାରେ ବିରଳ ଅସ୍ତ୍ରୋପଚାର

# କଢ଼ାଗଲା ସାଢ଼େ ୩ କେଜି ଗର୍ଭାଶୟ ଟ୍ୟୁମର

ଯାଜପୁର, ୨୭ ।୨(ସମିସ)



ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ରେ ଯଯାତିକେଶରୀ ମେଡିକାଲ କଲେଜ ଡାକ୍ତରଙ୍କ ଦ୍ୱାରା ଏକ ବିରଳ ଗର୍ଭାଶୟ ଟ୍ୟୁମରର ସଫଳ ଅସ୍ତ୍ରୋପଚାର କରାଯାଇଛି । ଏହି ଅସ୍ତ୍ରୋପଚାର ଯାଜପୁର ମେଡିକାଲ ଇତିହାସରେ ପ୍ରଥମ ଘଟଣା ହୋଇଥିବା ବେଳେ ଏହା ସଫଳତାର ସହିତ ସମ୍ପନ୍ନ ହୋଇଥିବାରୁ ଡାକ୍ତରୀ ଟିମ୍‌କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି ।

ସୂଚନା ମୁତାବକ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ କୃଷ୍ଣପୁର ରଇତଳ ଅଞ୍ଚଳର ବିଧବା ମହିଳା ସାବିତ୍ରୀ ଯେନା (୪୭) ଦୀର୍ଘ ଦିନ ଧରି ପେଟ ଯନ୍ତ୍ରଣା ଭୋଗୁଥିଲେ । ଆର୍ଥିକ ଦୂରାବସ୍ଥା ଯୋଗୁଁ ନିଜର ଚିକିତ୍ସା କରିପାରୁନଥିଲେ । ଗର୍ଭାଶୟରେ ଟ୍ୟୁମରର ଆକାର ଦିନକୁ ଦିନ ବଢୁଥିଲା । ଯନ୍ତ୍ରଣାରେ ଛଟପଟ ହେବା ଅବସ୍ଥାରେ ଯାଜପୁର ମୁଖ୍ୟ ଡାକ୍ତରଖାନାକୁ ଆସିଥିଲେ । ମେଡିକାଲ କଲେଜର ଅଭିଜ୍ଞ ଡାକ୍ତରମାନେ ଚିକିତ୍ସା ଆରମ୍ଭ କରିଥିଲେ । ପରେ ପରୀକ୍ଷା କରିବା ପରେ ଗର୍ଭାଶୟ ଟ୍ୟୁମର ହୋଇଥିବା ଜଣାପଡିଥିଲା । ତେଣୁ ଟ୍ୟୁମରର ଆକାର ବୃଦ୍ଧି ପାଉଥିବା ଲକ୍ଷ୍ୟ କରି ଅପରେସନ କରାଯାଇଥିଲା । ଗର୍ଭାଶୟର ଟ୍ୟୁମର ସାଧାରଣତଃ ୧୫ରୁ ୨୦ ସେମି ଭିତରେ ହୋଇଥାଏ । କିନ୍ତୁ ସାବିତ୍ରୀଙ୍କ ଗର୍ଭାଶୟର ଟ୍ୟୁମର ୩୦ ସେ.ମି ଏବଂ ଓଜନ ୩.୫ କେଜି ଥିଲା । ପାଖାପାଖି ଦେଢ଼ ଘଣ୍ଟାର ଅପରେସନ ପରେ ଏହି ଟ୍ୟୁମର ସହିତ ସମ୍ପୂର୍ଣ୍ଣ ଗର୍ଭାଶୟକୁ କଢ଼ାଯାଇଥିଲା । ଏହି ଅପରେସନ ପରେ ରୋଗୀ ଜଣକ ସୁସ୍ଥ ଅଛନ୍ତି । ଡାକ୍ତରୀ ଟିମରେ ସିନିଅର ଆସୋସିଏଟ ପ୍ରଫେସର ଚିନ୍ତାମଣି ମହାନ୍ତ, ଡା ସୁବାଶିଷ ଶତପଥୀ ଥିବାବେଳେ ନିଶ୍ଚେତକ ବିଭାଗର ଡାକ୍ତର ସତ୍ୟଜିତ ସାହୁ, ଡାକ୍ତର ଶ୍ରୀମୟୀ ମହାପାତ୍ର ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିଶ୍ଚେତକ ଟେକ୍ନିସିଆନ ରଣେନ୍ଦ୍ର ଜେନା, ନର୍ସିଂ ଇନଚାର୍ଜ ରୀନା ମଲ୍ଲିକ, ଆକାଶ ମଲିକ, ଦୀପ୍ତିମୟୀ ମହାପାତ୍ର ଏବଂ ଆଟେଣ୍ଡାଣ୍ଟ ବିଷ୍ଣୁଚନ୍ଦ୍ର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ । ପୂର୍ବରୁ ଅନେକ ଅସ୍ତ୍ରୋପଚାର ଦେଖିଥିଲେ ହେଁ ଏତେ ବଡ ଗର୍ଭାଶୟ ଟ୍ୟୁମର ପ୍ରଥମ କରି ଦେଖୁଛୁ ବୋଲି ଅପରେସନରେ ସାମିଲ ଡାକ୍ତରମାନେ ମତ ଦେଇଛନ୍ତି ।

## ମୁସଲିମ ବିବାହ ଓ ବିଚ୍ଛେଦ ଅଧିକାରୀ ନିଯୁକ୍ତ

**ବ୍ରହ୍ମବରଦା,୨୭ ।୨(ସମିସ):** ମୁସଲିମ ସମ୍ପ୍ରଦାୟର ବିବାହ ଓ ବିଚ୍ଛେଦ ଭଳି ଏକ ଗୁରୁତତ୍ୱପୂର୍ଣ୍ଣ ସାମାଜିକ କାର୍ଯ୍ୟ ପରିଚାଳନା କରିବା ପାଇଁ ରାଜ୍ୟ ସରକାର କାଜି ନିଯୁକ୍ତି କରି ଥାଆନ୍ତି । ଏହାକୁ ଉପଲକ୍ଷ କରି ରାଜ୍ୟ ସରକାରଙ୍କ ଆଦିବାସି କଲ୍ୟାଣ ଓ ଲଘୁ ସମ୍ପ୍ରଦାୟ ବିଭାଗ ପକ୍ଷରୁ କାଜି ପଦବୀ ପାଇଁ ରସୁଲପୁର ବ୍ଲକ ମହେଶ୍ୱରପୁର ପଂଚାୟତ ଚାନ୍ଦପୁର ଗ୍ରାମର ସେଖ୍ କେତୋରୁଦ୍ଦିନଙ୍କ ପୁଅ ସେଖ ରିୟାଜୁଦ୍ଦିନଙ୍କୁ ନିଯୁକ୍ତି ଦିଆଯାଇଛି । ଏନେଇ ବ୍ରହ୍ମବରଦା ଏବଂ କୁଆଖିଆ ଥାନାଞ୍ଚଳର ମୁସଲିମ ଗ୍ରାମବାସୀ ତଥା ବିଶିଷ୍ଟ ଭଦ୍ରବ୍ୟକ୍ତିଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି । ପ୍ରକାଶ ଥାଉ କି, ଯାଜପୁର ଜିଲ୍ଲାର ବ୍ରହ୍ମବରଦା ଏବଂ କୁଆଖିଆ ଥାନାଞ୍ଚଳରେ ସେ ମୁସଲିମ ବିବାହ ଓ ବିଚ୍ଛେଦକୁ ପଞ୍ଜିକୃତ କରିବା ପାଇଁ କ୍ଷମତା ପ୍ରଦାନ କରାଯାଇଛି । ଅଲ ଓଡ଼ିଶା କାଜି ସଂଘ, କଟକର ସମ୍ପାଦକ ମୌଲାନା ସେଖ ଅବାଦୁଲ୍ଲା ରଜୱି ସାହେବ, ସଭାପତି ମୌଲାନା ମହମ୍ମଦ ଅରସଦୁଲ କାଦରୀ ସାହେବ ଏବଂ ଏଦାରା ସରିଆ ଓଡ଼ିଶାର ମୁଫତି ମହମ୍ମଦ ମହସିନ ରଜା ସକାଫି ସାହେବ ଅଂଶଗ୍ରହଣ କରି ଆଜି ଚାନ୍ଦପୁର ଗ୍ରାମରେ ଉକ୍ତ କାର୍ଯ୍ୟାଳୟର ଉଦଘାଟନ କରାଯାଇଛି । କାର୍ଯ୍ୟକ୍ରମରେ ହାଜି ସେଖ ଫଜଲା ଅଲ୍ଲୀ, ମହମ୍ମଦ ଇମତିୟାଜ ଅତହର, ସେଖ ଜାହେରୁଲ, ମାଜିଦ ଅଜହର ଏବଂ ସେଖ ଲିୟାକୁଦ୍ଦିନ ସହଯୋଗ କରିଥିଲେ ।

■ ଘରୋଇ କଳିର କରୁଣ ପରିଣତି

# ୩ ବର୍ଷର ପୁଅକୁ ମାରି ବାପର ଆତ୍ମହତ୍ୟା

**କାଳିଆପାଣି,୨୭।୨(ସମିସ):** ୩ ବର୍ଷର ପୁଅକୁ ମାରି ବାପର ଆତ୍ମହତ୍ୟା । ସାମାନ୍ୟ ଘରୋଇ କଳିକୁ ନେଇ ଗତକାଲି କାଳିଆପାଣି ଖଣି ଅଞ୍ଚଳରେ ଏଭଳି ଏକ ଦୁଃଖଦ ଘଟଣା ଆଜି ଜିଲ୍ଲା ବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ମୁତାବକ, ପଡୋଶୀ ଢେଙ୍କାନାଳ ଜିଲ୍ଲାର ବିରାଶାଳ ପଞ୍ଚାୟତ ଅନ୍ତର୍ଗତ ହରିଡ଼ାପଦା ଗାଁର ମଙ୍ଗଲ ମୁଣ୍ଡା (୩୫) ତାଙ୍କ ଶଶୁର ଘରକୁ ଯାଇଥିଲେ । ଶଶୁର ଘର ଯାଜପୁର ଜିଲ୍ଲା କଂସ ପଂଚାୟତ ଅନ୍ତର୍ଗତ ଟିକରପଡାରେ ସେ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡା ହୋଇଥିଲା । କଳହ ଏତେ ଉଗ୍ରରୂପ ନେଇଥିଲା ଯେ ଏଥିରେ ଉତ୍‌କ୍ଷିପ୍ତ ହୋଇ ମଙ୍ଗଲ ତାଙ୍କର ୩ ବର୍ଷର ଶିଶୁପୁତ୍ରକୁ ସାଙ୍ଗରେ ଧରି ନିଜ ଗାଁକୁ ପଳାଇ ଆସିବାକୁ କହି ସନ୍ଧ୍ୟାରେ ଶଶୁର ଘରୁ ବାହାରିଥିଲେ । ଟିକରପଡା ଗାଁଠାରୁ କିଛି ବାଟ ଆସିବା ପରେ ସେ ଉକ୍ତ ଶିଶୁପୁତ୍ରର ତଣ୍ଟି ଚିପି ହତ୍ୟା କରିବା ପରେ ଗଛରେ ଝୁଲାଇ ଦେଇଥିଲେ । ଏହାପରେ ନିଜେ ମଧ୍ୟ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିଲେ । ଘଟଣା ପ୍ରଘଟ ହେବାପରେ କାଳିଆପାଣି ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାପ-ପୁଅଙ୍କ ଝୁଲନ୍ତା ମୃତଦେହ ଜବତ କରିଥିଲା । ଆଜି ଶବ ଦ୍ୱୟକୁ ବ୍ୟବଚ୍ଛେଦ ନିମନ୍ତେ ଦାନଗଦୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଏହି ଘଟଣାରେ ପୁଲିସ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛି ।

## ରେଙ୍ଗାଲି କେନାଲରେ ବୁଡି ଯୁବକ ମୃତ

ସୁକିନ୍ଦା୨୭ ।୨(ସମିସ) ସୁକିନ୍ଦା ଥାନା ଅନ୍ତର୍ଗତ ବନ୍ଧଗାଁ ନିକଟ ରେଙ୍ଗାଲି କେନାଲ ପାଣିରେ ବୁଡି ଯୁବକର ମୃତ୍ୟୁ ଘଟିଥିବା ଜଣାପଡିଛି । ସୂଚନା ମୁତାବକ ଦାନଗଦୀ ବ୍ଲକ ଅନ୍ତର୍ଗତ ଚିତ୍ରୀ ଗ୍ରାମର କୁନ୍ତ ରାଉତଙ୍କ ପୁଅ ପଦ୍ମନାଭ ରାଉତ(୩୫) ଶ୍ୱଶୁର ଘର ସୁକିନ୍ଦା ଥାନା ଅନ୍ତର୍ଗତ ବଡଲପାଳ ଗ୍ରାମ ବସନ୍ତ ପରିଡ଼ାଙ୍କ ଘରକୁ ଆସିଥିଲେ । ମଙ୍ଗଳବାର ଦିନ ପଦ୍ମନାଭ ଗାଧୋଇବା ପାଇଁ ବନ୍ଧଗାଁ ନିକଟ ରେଙ୍ଗାଲି କେନାଲକୁ ଯାଇ ବୁଡ଼ି ଯାଇଥିଲେ । ଖବର ପାଇ ସୁକିନ୍ଦା ଦମକଳ ବାହିନୀ ପଦ୍ମନାଭକୁ ଉଦ୍ଧାର କରିଥିଲେ । ସେଠାରେ ଡାକ୍ତର ପଦ୍ମନାଭକୁ ମୃତ ଘୋଷଣା କରିବା ସହ ପୁଲିସକୁ ସୂଚନା ଦେଇଥିଲେ । ପୁଲିସ ଶବ ଜବତ କରି ତଦନ୍ତ ଚଳାଇଛି ।

## କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡ ଉଦ୍‌ଘାଟିତ

ଯାଜପୁର,୨୭।୨(ସମିସ)



ଯାଜପୁର ବ୍ଲକ୍ ଅନ୍ତର୍ଗତ ନାଥସାହି ପଞ୍ଚାୟତର ନୂଆପଡ଼ାଠାରେ କ୍ରିକେଟ୍ ଏକାଡ଼େମୀ ଗ୍ରାଉଣ୍ଡକୁ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର ସଭାପତି ଯଯାତି କେଶରୀ ଦାସ, ଯାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି କ୍ରିକେଟ୍ ଏକାଡ଼େମୀ ଗ୍ରାଉଣ୍ଡର ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର ସମ୍ପାଦକ ଜ୍ଞାନଚାନ୍ଦ ଦାସ, ବରିଷ୍ଠ ସମାଜସେବୀ ତୁଷାରକାନ୍ତ ପରିଡ଼ା, ସହ-ସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ନାରାୟଣ ରାୟ, କାହ୍ନୁଚରଣ ଦାସ, ମାନସ ରାୟ, କାର୍ତ୍ତିକ ସାହୁ, ଅଶ୍ୱିନୀ ରାୟ, ମହେଶ୍ୱର ସାହୁ, ରସାନନ୍ଦ ଦାସ, ସୁବାସ ଚନ୍ଦ୍ର ପଣ୍ଡା, ବ୍ରଜକିଶୋର ପରିଡ଼ା, ଏସ୍.କେ. ମେଫୁଜ ଅଲ୍ଲୀ, ଭାଗବତ ପ୍ରସାଦ ଦାସ, ନିରଞ୍ଜନ ବିଟି, ଶରତ ଚନ୍ଦ୍ର ଜେନା, ଏସ୍.କେ. ଅବଦୁଲ ଖଲିକ୍, ବୃନ୍ଦାବନ ଜେନା, ରଶ୍ମିରଞ୍ଜନ ନାୟକ, ମନୋଜ କୁମାର ସାହୁ, ପ୍ରେମଲତା ଜେନା ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ନାଥସାହି ଏବଂ ଭୁବନେଶ୍ୱରପୁର ଗ୍ରାମପଞ୍ଚାୟତର ବହୁ ଖେଳପ୍ରେମୀଙ୍କ ସହ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ବାଇଁଶିରିଆରେ ଭୋଟର ସଚେତନତା ଶିବିର

**ବରୀ,୨୭।୨(ସମିସ):** ବରୀ ବ୍ଲକର ସ୍ୱେଚ୍ଛାସେବୀ ସଙ୍ଗଠନ ଶଙ୍କରେଶ୍ୱର ଆକ୍ଟିଭ ୟୁଥ କ୍ଲବ ଇଚ୍ଛାପୂର ଦ୍ୱାରା ବାଇଁଶିରିଆ ପୁରୁଣା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଦିବସୀୟ ଭୋଟର ସଚେତନତା ଓ ନୂତନ ଭୋଟର ପିକରଣ ସମ୍ବନ୍ଧୀୟ ଶିବିର ନେହେରୁ ଯୁବକେନ୍ଦ୍ର ସଙ୍ଗଠନ, ଯାଜପୁର ଜିଲ୍ଲା କାର୍ଯ୍ୟାଳୟ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ସହଯୋଗରେ ଅନୁଷ୍ଠିତ ହୋଇଥିଲା । ବରୀ ବ୍ଲକର ନୂତନ କରି ଗଠନ କରା ଯାଇଥିବା ୪୦ ଗୋଟି ଯୁବ କ୍ଲବର କର୍ମକର୍ତ୍ତା, ଏନ ଜି ଓ ପ୍ରତିନିଧି, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ପଂଚାୟତ ପ୍ରତିନିଧି ମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ ଧଳ ସଭାପତିତ୍ୱ କରିଥିଲାବେଳେ କ୍ଲବ ସଭାପତି ପ୍ରଭାସ ଜ୍ୟୋତି ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ହରେକୃଷ୍ଣ ମହାନ୍ତି, କଳ୍ପତରୁ ପଣ୍ଡା, ଅମର ବଲ୍ଲଭ ସାହୁ, ଅରକ୍ଷିତ ମଲିକ, ରବିନ୍ଦ୍ର ମଲିକ, ସରୋଜ କୁମାର ସାହୁ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଭୋଟ ପ୍ରଦାନ ହାର ବୃଦ୍ଧି କରାଇବାକୁ ସହଯୋଗ ଲୋଡିଥିଲେ ।

କ୍ରୀଡା ଭିତ୍ତିଭୂମି ସମୂହ ଉଦ୍‌ଘାଟନୀ ଓ ଶିଳାନ୍ୟାସ ସମାରୋହ

# ଯାଜପୁର ଜିଲ୍ଲା ପାଇଁ ୧୩୪.୫୦କୋଟିର କ୍ରୀଡ଼ା ପ୍ରକଳ୍ପ ସମର୍ପିତ



ଯାଜପୁର,୨୭।୨(ସମିସ)

ଓଡିଶା ରାଜ୍ୟକୁ କ୍ରୀଡା ହବ୍‌ରେ ପରିଣତ କରିବାକୁ ରାଜ୍ୟ ସରକାର ଅହରହ ଉଦ୍ୟମ ଜାରି ରଖିଚୁନ୍ତି । ରାଜ୍ୟରେ ୨ ଥର ବିଶ୍ୱ ଅଲିମ୍ପିକ୍ କ୍ରୀଡାର ଆୟୋଜନ କରି ରାଜ୍ୟ ସରକାର ଆନ୍ତର୍ଜାତୀୟ ସ୍ତରରେ ସୁଖ୍ୟାତି ଅର୍ଜନ କରିଚୁନ୍ତି । କ୍ରୀଡା ଦ୍ୱାରା ବ୍ୟକ୍ତିତ୍ୱର ବିକାଶ ଘଟିବା ସହ ନିଯୁକ୍ତିରେ ସହାୟତା କରିଥାଏ । ରାଜ୍ୟ ସରକାର ଚଳିତ ବର୍ଷରେ ଓଡିଶାକୁ କ୍ରୀଡାରେ ବିଶେଷ ଉନ୍ନତି ଆଣି କ୍ରୀଡାବିତ୍‌ଙ୍କୁ ବିଶ୍ୱସ୍ତରୀୟ ତାଲିମ ପ୍ରଦାନ କରିବା ପାଇଁ ଅଧିକ ରୁ ଅଧିକ ପୁଞ୍ଜି ନିବେଶ କରିଚୁନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାଜପୁର ଜିଲ୍ଲାକୁ ଇନ୍‌ଡୋର ଷ୍ଟାଡିୟମ୍ ପ୍ରକଳ୍ପ ପାଇଁ ୨୧ କୋଟି, ହକି ଷ୍ଟାଡିୟମ୍ ପାଇଁ ୨୭ କୋଟି, ମହିଳା ରଗ୍‌ବି ଏବଂ ମହିଳା କ୍ରିକେଟ୍ ଏକାଡେମୀ ପାଇଁ ୬୦ କୋଟି, କୁସୁମା ସୁଇମିଂ ପୁଲ ପାଇଁ ୩ କୋଟି ୫୦ ଲକ୍ଷ ଏବଂ ସ୍ପୋର୍ଟସ୍ କମ୍ପ୍ଲେକ୍ସ ପାଇଁ ୨୩ କୋଟିକୁ ନେଇ ମୋଟ ୧୩୪ କୋଟି ୫୦ ଲକ୍ଷ କ୍ରୀଡା ଭିତ୍ତିଭୂମିର ଉଦ୍‌ଘାଟନ ଓ ଶିଳାନ୍ୟାସ କରି କ୍ରୀଡା ଇତିହାସରେ ରାଜ୍ୟ ସରକାର ଏକ ମାଇଲଷ୍ଟୋନ୍ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଚୁନ୍ତି ।

'୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପୌରହିତ୍ୟରେ ଆଭାସୀରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କ୍ରୀଡା ଏବଂ ଯୁବ ବ୍ୟାପାର ଶାସନ ସଚିବ ଶ୍ରୀ ଆର୍. ଭିନିଲ୍ କ୍ରିଷ୍ଣା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସି.ଇ.ଓ. ଦୀପଙ୍କର ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ଆଭାସୀରେ ମାନ୍ୟବର ମନ୍ତ୍ରୀ, କ୍ରୀଡା ଓ ଯୁବ ବ୍ୟାପାର ତୁଷାରକାନ୍ତି ବେହେରା ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଆଭାସୀରେ ବିଭିନ୍ନ ଜିଲ୍ଲାର ମନ୍ତ୍ରୀଗଣ, ସାଂସଦଗଣ, ପ୍ରଶାସନିକ ଅଧିକାରୀ ଯୋଡି ହୋଇଥିବା ବେଳେ ଯାଜପୁର ଜିଲ୍ଲାରେ ମାନ୍ୟବର ବିଧାୟକ, ବଡଚଣା ଅମର ପ୍ରସାଦ ଶତପଥୀ, ଜିଲ୍ଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, ଉପ-ସଭାପତି ଶ୍ରୀ ଗଣେଶ୍ୱର ବରାଳ, ଭାରପ୍ରାପ୍ତ ଜିଲ୍ଲାପାଳ ଅଶୋକ କୁମାର ବେହୁରିଆ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ନବକ୍ରିଷ୍ଣ ଜେନା, ଉପ-ଜିଲ୍ଲାପାଳ ଅଂଶୁମାନ ଶତପଥୀ, ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ମଂଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ, ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର ସାରଦା ପ୍ରସାଦ ଜେନା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ଜିଲ୍ଲା କ୍ରୀଡା ସଂସଦ କର୍ମକର୍ତ୍ତା, ବୁଦ୍ଧିଜୀବୀ, କ୍ରୀଡାପ୍ରେମୀ, କ୍ରୀଡାବିତ୍ ଓ ଛାତ୍ର ଛାତ୍ରୀ, ମାନ୍ୟଗଣ୍ୟ ବ୍ୟକ୍ତି, ଜନ ପ୍ରତିନିଧି ଏବଂ ଗଣମାଧ୍ୟମ




DSPL-736

ଆମ ଓଡ଼ିଶା ନବୀନ ଓଡ଼ିଶା

ନିଃଶୁଳ୍କ ଔଷଧ ସେବା ସୁନିଶ୍ଚିତ କରୁଛି 'ନିରାମୟ' ଯୋଜନା

୫୦୦ରୁ ଅଧିକ ପ୍ରକାର ଔଷଧ ବିନା ମୂଲ୍ୟରେ






OIPR-15001/13/0497/2324

# ମନ୍ତେଇ ନଦୀ ଉପରେ ସେତୁ ନିର୍ମାଣ ପାଇଁ ଭୂମିପୂଜନ




ଭଦ୍ରକ/ବାସୁଦେବପୁର,୨୭ ।୨(ସମିସ)

କୁମ୍ଭୀର ପ୍ରବଣ, ବହୁ ଗଭୀର ପଙ୍କସ୍ତର ବିଶିଷ୍ଟ ମନ୍ତେଇ ନଦୀର ବାଲିଆପାଳ ଓ ଚାରବାଟିଆ ଘାଟରେ ଦୁଇ ଦୁଇଟି ସୁଉଚ୍ଚ ସେତୁ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅର୍ଥ ମଞ୍ଜୁର ପରେ ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଇସ୍ପାତ, ଖଣି ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଭୂମିପୂଜନ କରିବା ସହ ଦୁଇ ଘାଟ ନିକଟରେ ଆୟୋଜିତ ସାଧାରଣ ସଭାରେ ଜନ ସାଧାରଣଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ରଖିଥିଲେ। ବାଲିଆପାଳ ନିକଟରେ ଡଙ୍ଗାରେ ବସି ମନ୍ତେଇନଦୀ ପାରି ହୋଇ ଘାଟ ସେପାରିକୁ ଯାଇ ଫେରିଥିଲେ। ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ସାଂସଦ ମଞ୍ଜୁଲତା ମଣ୍ଡଳ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ସମିତିସଭ୍ୟା ସୁନିତା ଦାସ, ଜିଲ୍ଲା ପରିଷଦ ସଭ୍ୟଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ଘଡ଼େଇ, କରଞ୍ଜଆଡ଼ିଆ ସରପଞ୍ଚ ମାର୍କଣ୍ଡ ଦାସ, ବ୍ଲକ୍ ଉପାଧ୍ୟକ୍ଷଙ୍କ ପ୍ରତିନିଧି ଚିନ୍ମୟ ବାରିକ୍ ପ୍ରମୁଖ ଅନ୍ୟତମ ଅତିଥିଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଯୁବ ସମାଜସେବୀ ଅସିତ୍ ଦାସ ସଭାପତିତ୍ୱ କରିଥିଲା ବେଳେ ଜିଲ୍ଲା ପରିଷଦ ସଭ୍ୟ ରାକେଶ ପ୍ରିନ୍ସ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ଦୂର ହେବ ଡଙ୍ଗା, କୁମ୍ଭୀର ଭୟ**

**୫୮ କୋଟି ୭୨ ଲକ୍ଷ ଟଙ୍କା ମଞ୍ଜୁର**

**ଯୋଡ଼ି ହେବ ବାସୁଦେବପୁର ଓ ଚାନ୍ଦବାଲି**

ସୂଚନା ଯୋଗ୍ୟ, ବାଲିଆପାଳ ଘାଟରେ ସୁଉଚ୍ଚ ବିଶାଳ ସେତୁ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ୩୦ କୋଟି ୭୨ଲକ୍ଷ ଏବଂ ଚାରବାଟିଆ ସେତୁ ପାଇଁ ୨୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ନଦୀର ଆକାର ଛୋଟ ହେଲେ ମଧ୍ୟ ଏହାର ଅନ୍ତଃଶଯ୍ୟାରେ ବହୁ ଗଭୀର ପଙ୍କସ୍ତର ଯୋଗୁଁ ପୋଲ ନିର୍ମାଣ ପାଇଁ ଦୃଢ଼ ମୃତ୍ତିକାର ଅଭାବ, କୁମ୍ଭୀର ପ୍ରବଣତା, ପୁଣି ଅନ୍ତଃସ୍ରୋତ ଜଳ ଯୋଗୁଁ ପୋଲ ନିର୍ମାଣ କିପରି କଷ୍ଟ ଓ ବ୍ୟୟ ସାପେକ୍ଷ ଜନ ପ୍ରତିନିଧିମାନେ ପ୍ରକାଶ କରିଥିଲେ। ପୁଣି ଏହା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବାରୁ ବହୁ ଦିନରୁ ଏହି ପୋଲ ପାଇଁ ଦାବି କରାଯାଇ ଆସୁଥିଲେ ବି ବ୍ୟୟବହୁଳ ଯୋଗୁଁ ଏହା ସମ୍ଭବ ହୋଇ ପାରୁନଥିଲା। ସ୍ଥାନୀୟ ବିଧାୟକଙ୍କ ଉଦ୍ୟମ, ମୁଖ୍ୟମନ୍ତ୍ରୀଙ୍କ ପୂର୍ଣ୍ଣ ସମର୍ଥନ କ୍ରମେ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇ ଗ୍ରାମ୍ୟ ଉନ୍ନୟନରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ପରେ ପୋଲ ନିର୍ମାଣ ପାଇଁ ସୁଦିନ ଆସିଛି ବୋଲି ଅତିଥିମାନେ ସ୍ଥାନୀୟ ବାସିନ୍ଦାଙ୍କୁ ଜଣାଇଥିଲେ। ଏଥିପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭ ପ୍ରଦାନ କରାଯାଇଥିଲା। ଏବେ ଏ ପୋଲ ନିର୍ମାଣ କାମ ଅଟକିବ ନାହିଁ। ୨ ବର୍ଷ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରାଯିବ ବୋଲି ପ୍ରକାଶ କରାଯାଇଥିଲା। ଏ ଦୁଇ ପୋଲ ନିର୍ମାଣ ପରେ ବାସୁଦେବପୁର ଓ ଚାନ୍ଦବାଲି ବ୍ଲକ୍ ଯୋଡ଼ି ହେବ ଏବଂ ଉଭୟ ପାଖର ଅନେକ ଲୋକ ଯାତାୟତରେ ବିଶେଷ ସୁବିଧା ପାଇବେ। ଡଙ୍ଗା, କୁମ୍ଭୀର ଆଦି ଯୋଗୁଁ ଘଟୁଥିବା ଜୀବନହାନୀ ସମସ୍ୟା ସବୁଦିନ ପାଇଁ ସମାଧାନ ହୋଇଯିବ। ଭୁବନେଶ୍ୱରକୁ ଯିବା ପାଇଁ ଦୂରତା ହ୍ରାସ ପାଇବ। ଭୂମି ପୂଜନ ପରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ବାଲିମେଦ, କମାର ଗାଁ ରାସ୍ତା ନିର୍ମାଣ ଓ ଉନ୍ନତିକରଣ ପାଇଁ ଶୁଭ ଦେବା ସହିତ କୌଣସି ରାସ୍ତା ଖରାପ ରହିବ ନାହିଁ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ଉକ୍ତ ଅଞ୍ଚଳର ଅନନ୍ୟ ଭୂମିକାକୁ ମଧ୍ୟ ମନ୍ତ୍ରୀ ସ୍ମୃତିଚାରଣ କରିଥିଲେ। ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଦୀପକ କୁମାର ପାଣିଗ୍ରାହୀ ଏବଂ ଚାନ୍ଦବାଲି ଓ ବାସୁଦେବପୁର ଉଭୟ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଡମ୍ବରୁଧର ମଣ୍ଡଳ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ମେଡିସିନ୍ ଦୋକାନୀକୁ ଠକିଲା ସାଇବର ଠକ

**ମଞ୍ଜୁରୀରୋଡ୍, ୨୭ ।୨(ସମିସ):** ଭଣ୍ଡାରିପୋଖରୀ ବଜାରଠାରେ ଥିବା ଏକ ମେଡ଼ିସିନ ଦୋକାନୀକୁ ସାଇବର ଠକ ଅଭିନବ ଉପାୟରେ ଠକିଛନ୍ତି। ସୂଚନା ଅନୁଯାୟୀ ଗତକାଲି ଔଷଧ ବ୍ୟବସାୟୀ ରାଜେଶ ମହାପାତ୍ରଙ୍କୁ କେହି ଜଣେ ଫୋନ କରି ମେଡ଼ିସିନ ବାବଦରେ ପଚାରିଥିଲେ। ଉକ୍ତ ମେଡ଼ିସିନ କିଣିବା ପାଇଁ କେତେ ଟଙ୍କା ଦରକାର ବୋଲି ଦୋକାନୀକୁ କହିଥିଲେ । କଥାବାର୍ତ୍ତା ପରେ ଠକ ଜଣକ ଫୋନପେ' ମାଧ୍ୟମରେ ଔଷଧ ବାବଦୀୟ ୨୯୦୦ଟଙ୍କା ଦେଇଥିବା ସ୍କ୍ରିନସର୍ଟ ପଠାଇଥିଲେ। ପ୍ରକୃତପକ୍ଷେ ମେଡିସିନର ମୂଲ୍ୟ ଠାରୁ ଅଧିକ ୨ହଜାର ଟଙ୍କା ପଳାଇଥିବା ଠକ ଜଣକ କହିଥିଲେ। ଦୋକାନୀ ଜଣକ କୌଣସି କଥାକୁ ବିଚାର ବିମର୍ଷ ନକରି ତାଙ୍କ ନିଜ ଆକାଉଣ୍ଟରୁ ୨ହଜାର ଟଙ୍କା ଉକ୍ତ ନମ୍ବରରେ ପଠାଇ ଦେଇଥିଲେ। ପରେ ଚେକ କରିବାରୁ ତାଙ୍କ ଆକାଉଣ୍ଟକୁ କୌଣସି ଟଙ୍କା ଆସିନଥିବା ସେ ଜାଣିବାକୁ ପାଇଥିଲେ। ତେଣୁ ଠକାମୀର ଶିକାର ହୋଇଥିବାରୁ ଏନେଇ ଔଷଧ ଦୋକାନୀ ଜଣକ ଥାନାରେ ଲିଖିତ ଭାବେ ଜଣାଇବା ଥିବା ବେଳେ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି।

## ସଡ଼କ ନିରାପତ୍ତା ଆଇନ୍ ସଚେତନତା ଶିବିର




**ଭଦ୍ରକ,୨୭ ।୨(ସମିସ):** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ନେହା ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ସଡ଼କ ନିରାପତା ସମ୍ବନ୍ଧୀୟ ଆଇନ୍ ସଚେତନତା ଶିବିର ଭଦ୍ରକ ରାଣୀତାଲ ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଭଦ୍ରକ ସିଟି ଡିଏସପି ଅଂଶୁମାନ ଦ୍ୱିବେଦୀ, ଆଇନଜୀବୀ ଅରୁଣ କୁମାର ମିଶ୍ର, ଆଇନ୍ ସେବା ପ୍ରତିପକ୍ଷ ଓକିଲ (ମୁଖ୍ୟ) ନାରାୟଣ ପ୍ରସାଦ ବେହେରା, ପ୍ୟାନେଲ ଓକିଲ ଡଃ ତାପସ କୁମାର ମହାନ୍ତି, ରାଣୀତାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ମଲ୍ଲିକ ତଥା ହାଇସ୍କୁଲର ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ମାନଙ୍କ ସହଯୋଗ କ୍ରମେ ଏହି କାର୍ଯ୍ୟକ୍ରମ ସଫଳ ରୂପେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପିଲାମାନଙ୍କୁ ନେଇ ସର୍ବପ୍ରଥମେ ସଡ଼କ ନିରାପତା ସମ୍ବନ୍ଧିୟ ସଚେତନତା ସୃଷ୍ଟିପାଇଁ ଏକ ରାଲି କରାଯାଇଥିଲା ଏବଂ କାର୍ଯ୍ୟକ୍ରମ ଜରିଆରେ ପିଲାମାନଙ୍କୁ ସଡ଼କ ସୁରକ୍ଷା ତଥା ନିରାପତ୍ତା ସମ୍ବନ୍ଧୀୟ ବିଷୟସବୁ ଉପସ୍ଥାପନ କରାଯାଇଥିଲା।

## ଅପ୍ରେଲ ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଭଦ୍ରକ,୨୭ ।୨(ସମିସ):** ଭଦ୍ରକରେ ଜିଲ୍ଲାସ୍ତରୀୟ ଓ ତାଲୁକସ୍ତରୀୟ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଫୌଜଦାରୀ (ସାଲିସ୍ ଯୋଗ୍ୟ) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟ ବିଲ୍ ଦେୟ ଜନିତ ବିବାହ (ସାଲିସ୍ ବିହିନ ବିବାଦକୁ ବାଦ୍ ଦେଇ) ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ) ରାଜସ୍ୱ, ମୋଟର ଯାନ ସମ୍ବନ୍ଧୀୟ ଓ ଅନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ। କେବଳ ବିଚାରାଧୀନ ମକଦ୍ଦମା ନୁହେଁ ପ୍ରାକ୍ ମକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇ ନଥିବା), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟ ସାଲିସ୍ ଯୋଗ୍ୟ ଫୌଜଦାରୀ ଓ ଅନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଲୋକଅଦାଲତରେ ମକଦ୍ଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୂଡ଼ାନ୍ତ। ଯଦି କୌଣସି ବିଚାରଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ ଆଗରୁ ପଇଠ କୋର୍ଟ ଫି' ଫେରସ୍ତ ହୋଇପାରିବ। ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ପକ୍ଷରୁ ସୂଚନା ଦିଆଯାଇଛି।

## ଶୋଭନୀୟ ଶିକ୍ଷାଶ୍ରମ ବାର୍ଷିକ ଉତ୍ସବ



**ଆଗରପଡ଼ା,୨୭ ।୨(ସମିସ):** ସ୍ଥାନୀୟ ଶୋଭନୀୟ ଶିକ୍ଷାଶ୍ରମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ପୁରୁଷଣ୍ଡ ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶ, ସରପଞ୍ଚ ପ୍ରକାଶ ବିଶ୍ୱାଳ, ଶିକ୍ଷାବିତ୍ ଭାସ୍କର ପାଢ଼ୀ, ବିଜୟ ଭୂୟାଁ, ପୂର୍ବତନ ସରପଞ୍ଚ ରବିନ୍ଦ୍ର ପଣ୍ଡା, ଡ. ବନଲତା ଦେବୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶୋଭନୀୟ ଆନ୍ଦୋଳନ ସମ୍ପାଦିକା ଅରୁନ୍ଧତୀ ଦେବୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସୁଶ୍ରୀ ସଙ୍ଗୀତା ବିଶ୍ୱାଳ ବିବରଣୀ ପାଠ ଓ ସୁକାନ୍ତିଲତା ସିଂହ ଧନ୍ୟବାଦ ଦେଇଥିଲେ। ଶିକ୍ଷାବିତ୍ ମହେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ରଶ୍ମିତା ବିଶ୍ୱାଳ, ବବିତା ଦାଶ, ଗୀତାଞ୍ଜଳି ଖଟୁଆ, ମାମାଲି ନାୟକ, ରଶ୍ମିପ୍ରଭା ଦାଶ, ଲଳିତା ହାତୀ, ମନ୍ଦାକିନୀ ଦାଶ, ରଶ୍ମିତା ଦାଶ ପ୍ରମୁଖ ବିଭିନ୍ନ କାର୍ଯ୍ୟ ପରିଚାଳନରେ ସହଯୋଗ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଦିଆଯାଇଥିଲା।

● ଭଦ୍ରକାଳୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ କପି ପ୍ରସଙ୍ଗ

## ପିଅନ ନିଲମ୍ବିତ; ବଦଳିଲେ ସୁପରିନ୍‌ଟେଣ୍ଡାଣ୍ଟ

**ଭଦ୍ରକ,୨୭।୨(ସମିସ):** ଭଦ୍ରକାଳୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ କପି ଯୋଗାଇବା ଘଟଣାରେ ପିଅନକୁ ସୋମବାର ନିଲମ୍ବିତ କରାଯାଇଥିବା ବେଳେ ଆଜି କେନ୍ଦ୍ର ସୁପରିନଟେଣ୍ଡାଣ୍ଟ ଜ୍ୟୋତ୍ସ୍ନାରାଣୀ ଦାସଙ୍କୁ ଦାୟିତ୍ୱରୁ ହଟାଇ ଦିଆଯାଇଛି। ତାଙ୍କ ସ୍ଥାନରେ ସେହି ବିଦ୍ୟାଳୟର ଅନ୍ୟଜଣେ ଶିକ୍ଷକଙ୍କୁ ପରୀକ୍ଷା କେନ୍ଦ୍ର ସୁପରିନଟେଣ୍ଡାଣ୍ଟ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ଶ୍ରୀମତୀ ଦାସଙ୍କୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି ଓ ତଦନ୍ତ ଜାରି ରହିଛି। ସୂଚନା ଯୋଗ୍ୟ, ଗତକାଲି ସେହି ବିଦ୍ୟାଳୟର ପିଅନ ଚିତ୍ତରଞ୍ଜନ ବେହେରା ଗଣିତ ପରୀକ୍ଷାରେ କେତେକ ପରୀକ୍ଷାର୍ଥୀଙ୍କୁ କପି ଯୋଗାଉଥିବା ନେଇ ସ୍କୁଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ପରୀକ୍ଷାର୍ଥୀ ଓ ଅଭିଭାବକମାନେ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ଖବର ପାଇ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ ଓ ଗ୍ରାମାଞ୍ଚଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଇଥିଲେ। ପରେ ପିଅନ ଚିତ୍ତରଞ୍ଜନ ବେହେରାଙ୍କୁ ଗ୍ରାମାଞ୍ଚଳ ପୁଲିସ ଥାନାକୁ ନେଇ ପଚାରା ଉଚୁରା କରିଥିଲେ। ଅନ୍ୟପକ୍ଷରେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବେହେରାଙ୍କୁ ନିଲମ୍ବିତ କରିଥିଲେ।

## ମାନବ ସମ୍ବଳ ପରିଚାଳନା ସମୀକ୍ଷା କଲେ ଜିଲ୍ଲାପାଳ

**ଭଦ୍ରକ,୨୭ ।୨(ସମିସ):** ଆଗାମୀ ସାଧାରଣ ନିର୍ବାଚନ-୨୦୨୪ ଉପଲକ୍ଷେ ଜିଲ୍ଲା ପ୍ରଶାସନ ତରଫରୁ ବିଭିନ୍ନ ପର୍ଯ୍ୟାୟରେ ପୁରାଦମ୍‌ରେ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ଏହି ପରିପ୍ରେକ୍ଷୀରେ ନିର୍ବାଚନୀ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ମାନବ ସମ୍ବଳ ପରିଚାଳନା ନେଇ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୁଇ ଅତିରିକ୍ତ



ଜିଲ୍ଲାପାଳ ସୁଚାରୁ କୁମାର ବଳ ଓ ଶାନ୍ତନୁ କୁମାର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ରାମଦାସ ଟୁଡୁ, ଉପଜିଲ୍ଲାପାଳ ମନୋଜ ପାତ୍ର ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ। ନିର୍ବାଚନୀ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ, କଲେଜ ଆଦିର ସମସ୍ତ କର୍ମଚାରୀମାନଙ୍କ ନାମ ତାଲିକା ବିଭାଗୀୟ ମୁଖ୍ୟମାନଙ୍କ ଦ୍ୱାରା ଠିକ୍ ଭାବେ ପ୍ରଦାନ କରାଯାଇଛିକି ନାହିଁ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ବିଶେଷ କରି ମତଦାନ ସଂଗ୍ରହ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ପୋଲିଂ ଅଧିକାରୀମାନଙ୍କର ତାଲିମ୍ ଓ ପୋଲିଂ ବୁଥ୍‌ରେ କାର୍ଯ୍ୟ ପରିଚାଳନା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ବାକି ରହିଯାଇଥିବା କର୍ମଚାରୀମାନଙ୍କ ନାମ ତାଲିକା ତୁରନ୍ତ ପ୍ରଦାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ବୈଠକରେ ଜିଲ୍ଲାର ସମସ୍ତ ସରକାରୀ ବିଭାଗୀୟ ମୁଖ୍ୟ ଓ ସମସ୍ତ କଲେଜର ଅଧ୍ୟକ୍ଷ ଅଧ୍ୟକ୍ଷାମାନେ ଉପସ୍ଥିତ ଥିଲେ।

## ମିଶନ ଶକ୍ତି ଗୃହ ଯୋଗାଇବା ଦାବିରେ ଧାରଣା




**ଭଦ୍ରକ,୨୭ ।୨(ସମିସ):** ସ୍ଥାୟୀ ମିଶନ ଶକ୍ତି ଗୃହ ଯୋଗାଇ ଦେବା ପାଇଁ ଭଦ୍ରକ ପୌରପାଳିକା ଅନ୍ତର୍ଗତ ୧୦ନମ୍ବର ୱାର୍ଡ ଅଧୀନରେ କାର୍ଯ୍ୟ କରୁଥିବା ଲକ୍ଷ୍ମୀବାଈ ଆଞ୍ଚଳିକ ମହିଳା ମହାସଂଘ ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟଫାଟକ ଆଗରେ ଧାରଣା ଦିଆଯାଇଛି। ମହାସଂଘ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଦିଆଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ, ସ୍ଥାୟୀ ମିଶନ ଗୃହ ନିମନ୍ତେ ବିଭିନ୍ନ ସମୟରେ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ଠାରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଫଳରେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକର ସଫଳତା ନେଇ ସଂଘର କର୍ମକର୍ତ୍ତା ଓ ସଦସ୍ୟାମାନେ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏହି ୱାର୍ଡ ଅଧୀନରେ ଥିବା ଜଗନ୍ନାଥପୁର ସ୍ଥିତ ଜେନାସାହି ପ୍ରାଥମିକ ବିଦ୍ୟାଳୟଟି ଦୀର୍ଘ ୫ବର୍ଷ ହେବ ଖାଲି ପଡିଛି। ସେହି ବିଦ୍ୟାଳୟଟିରେ ମହାସଂଘର ସ୍ଥାୟୀ କାର୍ଯ୍ୟାଳୟ ପାଇଁ ପ୍ରଶାସନ ଅନୁମତି ଦେବା ପାଇଁ ମହାସଂଘ ଦାବି କରିଆସୁଛି। ତେଣୁ ଏହି ଦାବିକୁ ପୁନର୍ବିଚାର କରି ଉପଯୁକ୍ତ କାର୍ଯ୍ୟପନ୍ଥା ଗ୍ରହଣ କଲେ ସଂଘ ଉପକୃତ ହେବେ ବୋଲି ସଭାନେତ୍ରୀ ଜୟନ୍ତୀ ବିଶ୍ୱାଳ, ସମ୍ପାଦିକା କୁମୁଦିନି ବିଶ୍ୱାଳଙ୍କ ସମେତ ମମତା ମଲ୍ଲିକ, ଝରଣା ଜେନା, ବିଜୟା ଗୋସ୍ୱାମୀ, ଯଶୋଦା ଜେନା, ସବିତା ସେଠୀ, ଗୌରୀ ଜେନା, କବିତା ବାରିକ, କୁନ୍ତଳା ସାହୁ, ତିଳୋତମା ସାହୁ, ଚଞ୍ଚଳା ଜେନା, ରଞ୍ଜିତା ଦାସ, ଅନିତା ବଳ ପ୍ରମୁଖ ଧାରଣାରେ ସାମିଲ ଥିଲେ। ଶେଷରେ ଏକ ଦାବିପତ୍ର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ମହାସଂଘ ପକ୍ଷରୁ ପ୍ରଦାନ କରାଯାଇଥିଲା।

## ବଜରଙ୍ଗବାଲି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ମଞ୍ଜୁରୀରୋଡ୍, ୨୭।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରାଜେନ୍ଦ୍ରପୁର ଶିଶୁ ମନ୍ଦିର ପଡିଆ ଠାରେ ବଜରଙ୍ଗବାଲି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଉଦଯାପନୀ ଫାଇନାଲ ମ୍ୟାଚ୍ ମହାଦେବ ୱାରିୟର ଓ ମହାବୀର କ୍ରିକେଟ ଟିମ ରାଜେନ୍ଦ୍ରପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାଦେବ ୱାରିୟର ଟିମ ଚାମ୍ପିଅନ ହୋଇଛି। ମହାଦେବ ୱାରିୟର ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୩ଟି ଉଇକେଟ ହରାଇ ୪୩ରନ ସଂଗ୍ରହ କରିଥିଲା। ଜବାବରେ ମହାବୀର ଟିମ ରାଜେନ୍ଦ୍ରପୁର ୬ ଓଭରରେ ୭ଉଇକେଟ ହରାଇ ୩୦ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଅମ୍ପାୟାର ଭାବେ ଚନ୍ଦନ ପଣ୍ଡା ଓ ନିରାକାର ମାଝୀ ଖେଳ ପରି.ଳନା କରିଥିଲେ ସ୍କୋରର ଭାବେ ସୁଦର୍ଶନ ଖଣ୍ଡାଇ, ଭାଷ୍ୟକାର ଭାବେ ଆଶୁତୋଷ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ବିଜୟ ଖଣ୍ଡାଇ ଯୋଗଦେଇ ଚମ୍ପିୟାନ ଓ ରନର୍ସଅପ ଟିମକୁ ଟ୍ରଫି ଓ ନଗଦ ଅର୍ଥ ରାଶି ସହିତ ପୁରସ୍କୃତ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ଲିଙ୍କନ ଦାସ, ବେଷ୍ଟ କ୍ଷେତ୍ର ରକ୍ଷକ ଶୁକଦେ ମାଝୀ, ବେଷ୍ଟ ବ୍ୟାଟ୍ସମ୍ୟାନ ସତ୍ୟବ୍ରତ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟକୁ କ୍ଲବର ଦୀପକ ଖଣ୍ଡାଇ, ଜ୍ଞାନରଞ୍ଜନ ସ୍ୱାଇଁ, ଓଁପ୍ରକାଶ ସ୍ୱାଇଁ, ଅବିନାଶ ପଣ୍ଡା, ପ୍ରଭାସ ସ୍ୱାଇଁ, ସତ୍ୟଜିତ ଖଣ୍ଡାଇ, ଶାଶ୍ୱତ ବାରିକ, ପ୍ରଦ୍ୟୁମ୍ନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ପ୍ରବେଶିକା ପରୀକ୍ଷାରେ ଜୀବନଜ୍ୟୋତି ଟପ୍ପର



**ଆଗରପଡ଼ା,୨୭ ।୨(ସମିସ):** ପଳାସଗଡ଼ିଆ ଆଦର୍ଶ ସ୍କୁଲ ଷଷ୍ଠଶ୍ରେଣୀରେ ଆଡ୍‌ମିସନ ପାଇଁ ହୋଇଥିବା ପ୍ରବେଶିକା ପରୀକ୍ଷାରେ ବନ୍ତର ଅମୀୟ ଜେନା ଓ ଗୀତାଞ୍ଜଳିଙ୍କ ପୁଅ ଜୀବନଜ୍ୟୋତି ଅଧିକ ନମ୍ବର ରଖି ବ୍ଲକରେ ଟପ୍ପର ହୋଇଥିବାର ଜଣାପଡ଼ିଛି। ସେ ବନ୍ତ ସରସ୍ୱତୀ ଶିଶୁମନ୍ଦିରରେ ୫ମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ସେ ଏଥିପୂର୍ବରୁ ୩ୟ ଶ୍ରେଣୀ ମେଧାବୃତ୍ତି ପାଇବାରେ ସଫଳ ହୋଇଥିଲେ।

# ଭଦ୍ରକ କ୍ରିକେଟ୍ ଏକାଡେମୀର ଉଦ୍‌ଘାଟନ

ଭଦ୍ରକ,୨୭ ।୨(ସମିସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ରାଜ୍ୟର ସମୁଦାୟ ୪୨ଟି କ୍ରିକେଟ୍ ଏକାଡେମୀର ଉଦ୍‌ଘାଟନ ଅବସରରେ ଭଦ୍ରକ କ୍ରିକେଟ୍ ଏକାଡେମୀ ଉଦ୍‌ଘାଟିତ ହୋଇଯାଇଛି। ଆଭାସୀ ଜରିଆରେ ହୋଇଥିବା ଏହି ଉଦ୍‌ଘାଟନୀ ପର୍ବକୁ ଭଦ୍ରକ ଜିଲ୍ଲା ପାଇଁ ଚରମ୍ପାସ୍ଥିତ ରେଲୱେ କଲୋନୀ ପଡ଼ିଆରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ୍ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟିତ ହୋଇଥିବା ନୂତନ କ୍ରିକେଟ୍ ଏକାଡେମୀର ସଭାପତି ଉପେନ୍ଦ୍ର ବାରିକ, ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର କୋଷାଧ୍ୟକ୍ଷ ବ୍ୟୋମକେଶ ସେନାପତି, ଅନ୍ୟତମ ସଦସ୍ୟ ଆଇନ୍‌ଜୀବୀ ଯତିକାନ୍ତ ନାୟକ ଓ ପବନ ଶର୍ମା, ପ୍ରାଧ୍ୟାପକ ବିଜୟ ଜେନା, ରୋଟାରିଆନ୍ ଅତିସ୍ ବେହେରା ପ୍ରମୁଖଙ୍କ ସହ ଅନ୍ୟ ସଦସ୍ୟ କର୍ମକର୍ତ୍ତା ଓ ଏକାଡେମୀର ପିଲାମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟକି ଏହି ଏକାଡେମୀ ଜରିଆରେ କ୍ରିକେଟ୍ ଖେଳ ପାଇଁ ପିଲାଙ୍କୁ କୋଚିଂ ଦିଆଯିବ। ପିଚ୍ ନିର୍ମାଣ ସହ ଆନୁଷଙ୍ଗିକ ଉପକରଣ ମଧ୍ୟ ପିଲାଙ୍କୁ ପ୍ରଦାନ କରାଯିବ। ବର୍ତ୍ତମାନ ରେଲ୍‌ୱେ କଲୋନୀ ପଡ଼ିଆରେ ଏହି ଏକାଡେମୀ କାର୍ଯ୍ୟକାରୀ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ନେହେରୁ ଷ୍ଟାଡିୟମରେ ମଧ୍ୟ କାର୍ଯ୍ୟକାରୀ ହେବା ନେଇ ସୂଚନା ପ୍ରଦାନ କରାଯାଇଛି। ଜିଲ୍ଲା କ୍ରୀଡାଧିକାରୀ ତନ୍ମିତା କର ଓ ପୂର୍ବତନ ଜିଲ୍ଲା କ୍ରୀଡ଼ାଧିକାରୀ ପଦ୍ମନ କୁମାର ରାୟ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



## ଧାମନଗରରେ ସବେବରାତ ପର୍ବ ପାଳିତ




**ଧାମନଗର,୨୭ ।୨(ସମିସ):** ଧାମନଗର ଅଞ୍ଚଳରେ ମୁସଲମାନ ସମ୍ପ୍ରଦାୟର ଲୋକମାନେ ପବିତ୍ର ସବେବରାତ ପର୍ବ ମହାଆଡମ୍ବରେ ପାଳନ କରିଛନ୍ତି। ଏହି ଉପଲକ୍ଷେ ସନ୍ଧ୍ୟା ବେଳେ ସମସ୍ତଙ୍କ ଘରେ, ବିଭିନ୍ନ ମଜାର ସରିଫ ଏବଂ କବରସ୍ଥାନ ମାନଙ୍କରେ ଲିଟୁମାଳ ଆଲୋକରେ ସୁସଜ୍ଜିତ କରି ସମାଧିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ମହମବତି ଓ ଧୂପ ଜାଳି ପୂର୍ବ ପୁରୁଷମାନଙ୍କୁ ମନେ ପକାଇଥାନ୍ତି। ଏହି ଅବସରରେ ଭକ୍ତ ଓ ଶ୍ରଦ୍ଧାଳୁ ସନ୍ଧ୍ୟାରୁ ବିଭିନ୍ନ ମଜାର ଯଥା-ପ୍ରସିଦ୍ଧ ପୀଠ ଖାନକା ସରିଫ ପୀରବାବାଙ୍କ ଠାରୁ ଆରମ୍ଭ କରି ବଡେଖାନ ଗାଜି, ଶାହା ଜମାଲଉଦ୍ଦିନ, କାଜିତୟବ ବାବା, ଜଗତି କଦମରସୁଲ, ମୌଲାନା ସାହାଦୁଦ୍ଦିନ, ବାଘୁବାବା, ସାସବ ବାବା, କାଜି ସହେବ ପୀରବାବାଙ୍କ ସମେତ ବିଭିନ୍ନ ମଜାର ସରିଫ ବୁଲି ବୁଲି ଦର୍ଶନ ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି



ଉପଲକ୍ଷେ ଖାନକା ସରିଫ ମତୱଲି ସୟଦ ଗୋଲାମ ମହମ୍ମଦ ହବିବି ସମସ୍ତ ମଜାର ସରିଫ ଯାଇ ପୀରବାବାଙ୍କ ଦର୍ଶନ କରିଛନ୍ତି। ଧାମନଗର ଏନ୍‌ଏସି, ଦୋବଲ, ମୁସ୍ତଫାପୁର, ପିତେଇପୁର, ଚୁଡାକୁଟି, ଗୁଡିପୋଖରୀ, ପନ୍ଦରବାଟିଆ, ନଦୀଗାଁ ଆଦି ସ୍ଥାନରେ ଏହି ପର୍ବ ପାଳନ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଧୂଷୁରୀ ଥାନା ଅଧିକାରୀ ଓ ଧାମନଗର ଆଇଆଇସି ଫନିନ୍ଦ୍ର ଭୂଷଣ ନାୟକଙ୍କ ତତ୍ତ୍ୱାବଧାନରେ ପୁଲିସ ଫୋର୍ସ ମୁତୟନ ସହ ପାଟ୍ରୋଲିଂ କରି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

# ମିଶନ 'ଶକ୍ତି' ମହିଳାଙ୍କୁ ସୁଧ ଫେରସ୍ତ ମେଳା







**ଭଦ୍ରକ,୨୭ ।୨(ସମିସ):**

ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ମିଶନଶକ୍ତି ବିଭାଗର ବିଭିନ୍ନ ଯୋଜନା ଲୋକାର୍ପଣ କରିବା ସହିତ ମିଶନ ଶକ୍ତି ମହିଳା ମାନଙ୍କୁ ସୁଧଛାଡ଼, ୟୁନିଫର୍ମ ଓ ବ୍ଲେଜର ପାଇଁ ସହାୟତା ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭଦ୍ରକ ବ୍ଲକ ପକ୍ଷରୁ ସ୍ଥାନୀୟ ଗାନ୍ଧୀପଡିଆ ଠାରେ ଏହି ସୁଧଛାଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବରେଣ୍ୟ ଅତିଥି ଭାବେ ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ସମ୍ମାନିତ ଅତିଥି ଭାବେ ବିଡିଓ ସୀତାକାନ୍ତ ରାଉତ ଓ ମିଶନ ଶକ୍ତି ଡିପିସି ଅଭିକ୍ ନାରାୟଣ ମିଶ୍ର ପ୍ରମୁଖ ଯୋଗ ଦେଇ ମିଶନ ଶକ୍ତି ମହିଳା ମାନଙ୍କୁ ଋଣ ୧କୋଟି ୩୫ଲକ୍ଷ ୧୯ହଜାର ୬୭୩ଟଙ୍କା ସୁଧଛାଡ଼ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଓ ପୌରପାଳିକାର ୧୭୦୪ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଇଥିଲା। ଏଥିରେ ଏସ୍‌ଏଚ୍‌ଜି ଗ୍ରୁପର କର୍ମକର୍ତ୍ତା ଏମ୍‌ବିକେ, ବ୍ୟାଙ୍କ ମିତ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ ଭଦ୍ରକ ବ୍ଲକ ମିଶନଶକ୍ତି ବିପିଏମ୍ ମଲ୍ଲିକାଙ୍କ ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଚାନ୍ଦବାଲି** : ଚାନ୍ଦବାଲି ମା' କାଳୀ ପଡିଆରେ ମିଶନ ଶକ୍ତି ବିଭାଗ ପକ୍ଷରୁ ବ୍ଲକ ସ୍ତରୀୟ ମେଗା ସୁଧ ଫେରସ୍ତ କାର୍ଯ୍ୟକ୍ରମ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ.ବ୍ୟୋମକେଶ ରାୟ ଯୋଗଦେଇଥିଲେ। ଚଳିତ ବର୍ଷ ମିଶନ ଶକ୍ତି ଋଣ ବାବଦକୁ ବ୍ୟାଙ୍କରୁ ମୋଟ ୩୨୪୩ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୩୯.୩୩ କୋଟି ଟଙ୍କା ଋଣ ମିଳିଥିଲା। ଚାନ୍ଦବାଲି ବ୍ଲକରୁ ମୋଟ ୨୪୫୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ମୋଟ ୨.୦୯ କୋଟି ଟଙ୍କା ସୁଧ ରିହାତି ମିଳିଛି। ଏହି ମେଳାରେ ବିଡିଓ ଅସିତ ମହାନ୍ତି, ବ୍ଲକ ଅଧ୍ୟକ୍ଷା ମିନତୀ ସେଠୀ, ଏନଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ସାହୁ, ସିଡିପିଓ-୧ ସବିତା ସେଠୀ, ସିଡିପିଓ-୨ ଅହଲ୍ୟାରାଣୀ ବେଗ ଯୋଗ ଦେଇଥିଲେ। ଏହି



କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ମିଶନ ଶକ୍ତିର ବିପିଏମ ଷ୍ଟାଲିନ୍ ନାୟକ, ବିପିସି ବନଜ ବାରିକ, ବିପିସି ରିତାରାଣୀ ସାହୁ ଓ ମିଶନ ଶକ୍ତି ବିଭାଗର ମହିଳା ସଭାପତି ମାନସୀ ପାଢ଼ୀ ଓ ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।।

**ମଞ୍ଜୁରୀ ରୋଡ୍**: ଭଣ୍ଡାରିପୋଖରୀ ବ୍ଲକ ମିଶନ ଶକ୍ତି ବିଭାଗ ପକ୍ଷରୁ ସହାୟତା ପ୍ରଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମିଶନ ଶକ୍ତି ସଂଯୋଜକ ସୁବ୍ରତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷା ସୁମତୀ ସେଠୀ ଯୋଗଦେଇ ଯୋଜନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ, ବିଡିଓ ଦେବଦତ୍ତ ଦାଶ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ବଦ୍ରିନାରାୟଣ ରାଉତ, ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ନିର୍ଝରଣୀ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ୫୦ଗୋଟି ଏସ୍‌ଏଚ୍‌ଜିକୁ ସୁଧ ଛାଡ଼ ବାବଦରେ ଚେକ ପ୍ରଦାନ କରିଥିଲେ। ଏହାଛଡା ଗ୍ରାମପଞ୍ଚାୟତ ମହିଳା ମଞ୍ଚ କାର୍ଯକାରୀ କମିଟି ସଭ୍ୟା ମାନଙ୍କୁ ବ୍ଲେଜର ପାଇଁ ୨ହଜାର ଓ ଏସ୍‌ଏଚଜି ମା'ମାନଙ୍କୁ ଶାଢ଼ି ପାଇଁ ୧ହଜାର ଟଙ୍କା ପ୍ରଦାନ କରାଯାଇଛି। ଏଥିରେ ଏମ୍‌ବିକେ, ସିଆର୍‌ପି, ବ୍ୟାଙ୍କ ମିôର, ମହାସଂଘ ସଭାନେତ୍ରୀ ଓ ସମ୍ପାଦିକାଙ୍କୁ ମିଶାଇ ପ୍ରାୟ ୫୦୦ଶହ ମହିଳା ଯୋଗ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ବନିତା ଦଳେଇ, ସୁଜାତା ପଣ୍ଡା, ସୀମାରାଣୀ ପଣ୍ଡା, କାଞ୍ଚନବାଳା ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

**ଧାମନଗର** : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ମିଶନଶକ୍ତି ବିଭାଗର ବିଭିନ୍ନ ଯୋଜନା ଲୋକାର୍ପଣ କରିବା ସହିତ ମିଶନ ଶକ୍ତି ମହିଳାମାନଙ୍କୁ ସୁଧଛାଡ଼, ୟୁନିଫର୍ମ ଓ ବ୍ଲେଜର ପାଇଁ ସହାୟତା ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଧାମନଗର ପଞ୍ଚାୟତ ସମିତି ପକ୍ଷରୁ କଲ୍ୟାଣ ମଣ୍ଡପ ସମ୍ମୁଖରେ ମିଶନ ଶକ୍ତିର ମୁଖ୍ୟ ସଂଦୀପ୍ତା ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ବରେଣ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ସମିତି ସଭ୍ୟ ଭାରତ ବିଜୟ ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଓ ଏନଏସି ଅଞ୍ଚଳର ମୋଟ ୧୬୦୯ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଇଥିଲା। ଏଥିରେ ଏସ୍‌ଏଚ୍‌ଜି ଗ୍ରୁପର କର୍ମକର୍ତ୍ତା, ଏମ୍‌ବିକେ, ବ୍ୟାଙ୍କ ମିତ୍ର ଯୋଗ ଦେଇଥିବା ବେଳେ ବିପିଏମ୍ ପୀତବାସ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ସୀମା ଚିହ୍ନଟ ପାଇଁ ମାପଚୁପ

**ମଞ୍ଜୁରୀ ରୋଡ୍, ୨୭।୨(ସମିସ):** ଭଣ୍ଡାରିପୋଖରୀ ତହସିଲ ଅଧୀନ ସାତଶୋଳା ଗ୍ରାମରେ ଏକ ବିବାଦୀୟ ସ୍ଥାନ ପାଇଁ ମାପଚୁପ ହୋଇଛି। ସୂଚନା ଅନୁଯାୟୀ ସାତଶୋଳା ରାଜସ୍ୱ ଗ୍ରାମର ପ୍ଲଟ ନଂ୨୨୬୬, ଖାତା ନଂ୪୬୮/୨୪, ୮ ଡେସିମିଲ ଘରବାଡି ପାଇଁ ମାପଚୁପ ହୋଇଥିବା ଜଣାପଡିଛି। ହାଇକୋର୍ଟଙ୍କ ଆଦେଶ କ୍ରମେ ଏହି ସୀମା ନିର୍ଦ୍ଧାରଣ ପାଇଁ ଆଦେଶ ହୋଇଥିବା ବେଳେ ତହସିଲଦାର ସରୋଜକାନ୍ତ ନାୟକ ଏନେଇ ଆଜି କାର୍ଯ୍ୟ ସମ୍ପାଦନ କରିଛନ୍ତି। ଆଇନ ଶୃଙ୍ଖଳା ପାଇଁ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେଙ୍କ ନେତୃତ୍ୱରେ ପୁଲିସ ମୁତୟନ ହୋଇଥିବା ବେଳେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଦେବୀପ୍ରସନ୍ନ ବାରିକ ଓ କର୍ମଚାରୀ ମାନେ ମାପ କରିଥିଲେ। ଏଥିରେ ଦରଖାସ୍ତ କାରିଣୀ ସଂଘମିତ୍ରା ପଣ୍ଡାଙ୍କ ସମେତ ସୁବାସ ଚନ୍ଦ୍ର ଦାସ, ସୁରେଶ ସାହୁ, ତପ୍ତସୂର୍ଯ୍ୟ ବିଶ୍ୱାଳ, ଦିଲ୍ଲୀପ ଗୁପ୍ତା, ପର୍ଶୁରାମ ବାରିକ, ମୁରଲୀଧର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

**ନିୟମ କାନୁନ ଜାଲରେ ଅସହାୟ ମହିଳା**

## ରାସନ ଚାଉଳ ପାଇବାରୁ ବଞ୍ଚିତ

**ମଞ୍ଜୁରୀ ରୋଡ୍, ୨୭ ।୨(ସମିସ):** ପରିବର୍ତ୍ତିତ ନିୟମ କାନୁନ ଜାଲରେ ଛନ୍ଦି ହୋଇ ଯାଇଛନ୍ତି ଜଣେ ଅସହାୟ ମହିଳା। ପରିଣତ ବୟସରେ କେହି ସାହାରା ନଥିବା ବେଳେ ସରକାରୀ ଚାଉଳ ବଞ୍ଚିବା ପାଇଁ ରାହା ଯୋଗାଉଥିଲା। ହେଲେ ପରିବର୍ତ୍ତିତ ନିୟମ ଯୋଗୁ ଏଥିରୁ ବଞ୍ଚିତ ହୋଇଛନ୍ତି। ଭଣ୍ଡାରିପୋଖରୀ ବ୍ଲକ ନଗୁଆଁ ପଞ୍ଚାୟତ ବାଘମରା ଗ୍ରାମର ଜୁଳି ପାତ୍ର। ସ୍ୱାମୀଙ୍କୁ ହରାଇଥିବା ଜୁଳିଙ୍କର କେହି ପୁଅପାଟି ନଥିବା ବେଳେ ଏକମାତ୍ର କନ୍ୟା ହିଁ ତାଙ୍କର ସାହାଭରସା ଥିଲା। ପ୍ରଥମେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମା'ଝିଅ ଦୁହେଁ ରାସନ ସାମଗ୍ରୀ ପାଉଥିଲେ। ୪ବର୍ଷ ପୂର୍ବରୁ ତାଙ୍କର ଝିଅ ବାହାଘର ପରେ ନିୟମ ଅନୁଯାୟୀ ଜୁଳିଙ୍କ ନାମକୁ ପଞ୍ଚାୟତ ପିଇଓ ରବିନାରାୟଣ ପାତ୍ର ଅନ୍ନପୂର୍ଣ୍ଣା ଯୋଜନାରେ



ସାମିଲ କରିଥିଲେ। ତଦନୁଯାୟୀ ଜୁଳି ୧୦କେଜି ଚାଉଳ ପାଇ ଯଥେକଷ୍ଟେ ଚଳି ଯାଉଥିଲେ। ଏବେ ୬ମାସ ହେବ ହିତାଧିକାରୀଙ୍କୁ ସମ୍ପୂର୍ଣ୍ଣ ମାଗଣା ଚାଉଳ ଯୋଗା ଯାଉଥିବା ବେଳେ ନିୟମ ଅନୁଯାୟୀ ବିଚରା ଜୁଳି ଅନ୍ନପୂର୍ଣ୍ଣା ଯୋଜନାରୁ ବାଦ ପଡିଛନ୍ତି। ଅସହାୟ ବିଧବା ବୃଦ୍ଧା ଜଣକ ୧୦କିଗ୍ରା ଚାଉଳକୁ ଭରସା କରି ବଞ୍ଚୁଥିବା ବେଳେ ପରିବର୍ତ୍ତିତ ନିୟମ ସତେ ଯେମିତି ତାଙ୍କ ପେଟକୁ ଲାତ ମାରିଛି। ଏନେଇ ମହିଳା ଜଣକ ଆଜି ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପହଞ୍ଚି ସରପଞ୍ଚ କାଞ୍ଚନବାଳା ପାତ୍ରଙ୍କ ନିକଟରେ ଗୁହାରୀ କରିଥିଲେ। ସମ୍ପୂର୍ଣ୍ଣ ଘଟଣା ବିଷୟରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ବ୍ଲକ ପ୍ରଶାସନକୁ ଅବଗତ କରାଯାଇଛି। ଏହା ଉପରେ ଜିଲ୍ଲାପାଳ ଦୃଷ୍ଟିଦେବାକୁ ଦାବି ହୋଇଛି।

## ଉଚ୍ଛପଦା-କାକୁଡ଼ି ଗଡ଼ିଆ ରାସ୍ତା ଶୋଚନୀୟ

**ଅସୁରାଳି,୨୭ ।୨(ସମିସ):** ଧାମନଗର ବ୍ଲକ ଉଚ୍ଛପଦା ଛକ ପିଡବ୍ଲ୍ୟୁଡି ରାସ୍ତା ଠାରୁ ଗଡ଼ିଆଳି ପଞ୍ଚାୟତ ଅନ୍ତର୍ଗତ କାକୁଡି ଗଡ଼ିଆର ଦୂରତା ୩.୧୦୦ କିମି ଏହି ରାସ୍ତାର ଉନ୍ନତିକରଣ ପ୍ରତି ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଯଥାର୍ଥ ଧ୍ୟାନ ଦିଆ ନଯିବା ଫଳରେ ରାସ୍ତା ରାସ୍ତା ନିର୍ମାଣ ହେବାର ଅଳ୍ପ ଦିନ ଭିତରେ ରାସ୍ତା ପାଟି ଆଁ ହୋଇଗଲା। ସେଇ ରାସ୍ତା ଦେଇ ବିଭିନ୍ନ ସମୟରେ ଟ୍ରାକ୍ଟର, ଟ୍ରକ୍, ଧାନ ଗାଡ଼ି, ବିଭିନ୍ନ ଭାରୀଯାନ ଯାତାୟାତ କରି ରାସ୍ତାକୁ ନଷ୍ଟ କରିଦେଲା। କିନ୍ତୁ ବର୍ତ୍ତମାନ ରାସ୍ତା ସାରା ଗର୍ତ୍ତ ସୃଷ୍ଟି ହୋଇ ସାମାନ୍ୟ ବର୍ଷାରେ ରାସ୍ତା ଉପରେ ଜଳାଶୟର ଭ୍ରମ ସୃଷ୍ଟି କରୁଛି। ଏହି ରାସ୍ତା ରେ ପ୍ରତିଦିନ ଶହ ଶହ ସଂଖ୍ୟାରେ ଦୁଇଚକିଆ ଯାନ ଯାତାୟାତ କରୁଥିବା ବେଳେ କିଛିନା କିଛି ଦୁର୍ଘଟଣା ହେଉଛି ରାସ୍ତା ନିର୍ମାଣ ସମୟରେ ଜେଇଙ୍କ ଠାରୁ ଆରମ୍ଭ କରି ଗ୍ରାମ ଉନ୍ନୟନ ଅଧିକାରୀ, ବିଡିଓ ଓ ଜିଲ୍ଲା ଅଧିକାରଙ୍କୁ ନିମ୍ନମାନର କାର୍ଯ୍ୟ ସମ୍ପର୍କରେ ଅବଗତ କରିଥିଲେ ବି ବିଭାଗ ନୀରବଦ୍ରଷ୍ଟା ସାଜିଲା। ରକ୍ଷଣା ବେକ୍ଷଣ ପାଇଁ ବ୍ୟୟ ବରାଦ ଥିଲେ ବି ଠିକାଦାରଙ୍କ ଦେଖା ଦର୍ଶନ ମିଳୁନାହିଁ। ରାସ୍ତାର ବର୍ତ୍ତମାନ ସ୍ଥିତିରେ ଗାଡି ତ ଦୂରର କଥା ପାଦରେ ଚାଲିଯିବା ସମ୍ଭବ ନୁହେଁ। କୌଣସି ଜରୁରୀ କାଳୀନ ଗାଡ଼ି ଯାତାୟାତ କରି ପାରୁନାହିଁ। ତୁରନ୍ତ ପ୍ରଶାସନ ଏହି ରାସ୍ତାର ମରାମତି ନ କଲେ ବାଧ ହୋଇ ଲୋକେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଏଏନ୍ ବିବେକାନନ୍ଦ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ



**ଦୋବାଲ,୨୭ ।୨(ସମିସ):** ଦୋବଲ ନିକଟସ୍ଥ ସୋହଡ଼ା ପଞ୍ଚାୟତ ବେଦପୁରସ୍ଥିତ ଏଏନ ବିବେକାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରତିଷ୍ଠାତା ଅତିସ ନନ୍ଦଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ଗଣେଶ ରଥ, ମୁଖ୍ୟବକ୍ତା ଶିକ୍ଷା ବିକାଶ ପରିଷଦ ଉତ୍ତର କ୍ଷେତ୍ରର ସମ୍ପାଦକ ସୁଦର୍ଶନ ପ୍ରଧାନ, ସମ୍ମାନିତ ଅତିଥି ପ୍ରଧାନ ଶିକ୍ଷୟିତ୍ରୀ କବିତା ନାୟକ, ସମାଜସେବୀ ଅରବିନ୍ଦ ପତି, ସାମ୍ବାଦିକ ପ୍ରଦୀପ ମହାପାତ୍ର, ବିନୟ ମିଶ୍ର, ପ୍ରବୋଧ ତ୍ରିପାଠୀ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଓ କ୍ରୀଡ଼ା ଦ୍ୱାରା ନିଜର ଭବିଷ୍ୟ ଗଢ଼ିବା ନେଇ ଉତ୍ସାହିତ କରିଥିଲେ। ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଶିଶୁଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା। ଶିକ୍ଷୟିତ୍ରୀ ପ୍ରଜ୍ଞା ସାହୁ, ପୁଷ୍ପାରାଣୀ ସାହୁ, ସ୍ମୃତିରେଖା ଦାସ, ଶ୍ରଦ୍ଧାଞ୍ଜଳି ଦଳାଇ, ଶୁଭସ୍ମିତା ମହାପାତ୍ର, ରୋଜାଲିନ ସାହୁ, ମନୀଷା ଦାସ, ମାମାଲି ଦାସ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ସ୍କୁଲ ସମ୍ପାଦକ ନିରାକାର ଦଳେଇ ଧନ୍ୟବାଦ ଅର୍ପଣ ଦେଉଥିଲେ। ଶେଷରେ ସିନେ ଅଭିନେତା ବ୍ରଜ ସିଂଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ତିହିଡ଼ି ଯୁବମଞ୍ଚ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର



**ତିହିଡି,୨୭ ।୨(ସମିସ):** ସାମାଜିକ ସଂଗଠନ ତିହିଡି ଯୁବମଞ୍ଚ ଓ ଭୂମିକା ଚକ୍ଷୁ ଚିକିତ୍ସାଳୟ ମିଳିତ ସହଯୋଗରେ ସ୍ଥାନୀୟ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ମୁଖ୍ୟଅତିଥି ଭାବେ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ପ୍ରଭାତ ରାଉଳ, ଉପଦେଷ୍ଟା ସଚ୍ଚିକାନ୍ତ ନାୟକ, ଉପସଭାପତି ପ୍ରିୟବ୍ରତ ପାଢ଼ୀ, ସମାଜସେବୀ ମନୋଜ ପାଣିଗ୍ରାହୀ, ସଭାପତି କୈଳାସ ବେହେରା, ସମ୍ପାଦକ ନିରଞ୍ଜନ ବାରିକ, ସଂଯୋଜକ ଆଇନଜୀବୀ ନୀଳମାଧବ ସେନାପତି, ସଦସ୍ୟ ବିଜୟ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଭୂମିକା ପକ୍ଷରୁ ଚକ୍ଷୁ ଚିକିତ୍ସକ ମୁକ୍ତିକାନ୍ତ ନାୟକ, ପରିଚାଳକ ଅଭିଜିତ ବେହେରା, ପାରାମେଡିକାଲ ସ୍ୱାସ୍ଥ୍ୟକର୍ମୀ ଲୋପାମୁଦ୍ରା ପଣ୍ଡା, ପ୍ରିୟଙ୍କା ଜେନା, ସସ୍ମିତା ନାଥ, ସଂଗଠନ ପକ୍ଷରୁ ରେଣୁବାଳା ନାଥ, ସୟଦ ରଫିକ, ସାକିରୁଦ୍ଦିନ ଖାଁ, ବାସ୍ତବ ପଣ୍ଡା, ସୁବ୍ରତ ମିଶ୍ର, ସୁଦର୍ଶନ ବେହେରା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସହଯୋଗୀ ଭାବେ ପ୍ରମୋଦ ପରିଡା ରୋଗୀ ମାନଙ୍କର ରକ୍ତ ନମୂନା ପରୀକ୍ଷା କରିଥିଲେ। ଉକ୍ତ ଶିବିରରେ ମୋଟ ୪୮ ଜଣ ରୋଗୀଙ୍କର ଚକ୍ଷୁ ଚିକିତ୍ସା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୫ଜଣ ରୋଗୀଙ୍କର ମୋତିଆବିନ୍ଦୁ ଚିହ୍ନଟ କରାଯାଇ ଅସ୍ତ୍ରୋପଚାର ବ୍ୟବସ୍ଥା କରାଯାଇଛି।

## ବରିଷ୍ଠ ନାଗରିକ ସଂଘ ଓ ଆମ ପୁଲିସ ବୈଠକ

**ଚାନ୍ଦବାଲି,୨୭ ।୨(ସମିସ):** ଚାନ୍ଦବାଲି ବ୍ଲକ କନଫରେନ୍ସ ହଲ ପରିସରରେ ବରିଷ୍ଠ ନାଗରିକ ସଂଘ ଓ ଆମ ପୁଲିସ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ସଭାରେ ଚାନ୍ଦବାଲି ଉପଖଣ୍ଡ ପୋଲିସ ଆରକ୍ଷୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ଚାନ୍ଦବାଲି ଥାନା ଅଧିକାରୀ ପଞ୍ଚାନନ ମହାନ୍ତି ଓ ବରିଷ୍ଠ ନାଗରିକ ସଂଘର ସଭାପତି କୈଳାସ ପ୍ରଧାନ, ସମ୍ପାଦକ ପ୍ରମୋଦ ତ୍ରିପାଠୀ, ଉପ ସଭାପତି ମୁରଲୀଧର ପରିଡା,ଉପଦେଷ୍ଟା ରଜନୀ ମହାନ୍ତି, ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ଥିବା ସରକାରୀ ସୁବିଧା, ଆଇନ ଓ ସୁରକ୍ଷା ଉପରେ ଅଭିଭାଷଣ ଦେଇଥିଲେ। ଏଥିସହ ପୋଲିସ ପ୍ରଶାସନ ପକ୍ଷରୁ ଆମ ପୁଲିସ କାର୍ଯ୍ୟକାରିତା ଉପରେ ଥାନା ଅଧିକାରୀ ପଞ୍ଚାନନ ମହାନ୍ତି ସୂଚନା ପ୍ରଦାନ କରିଥିଲେ। ଶେଷରେ ବରିଷ୍ଠ ନାଗରିକ ମାନଙ୍କୁ ପରିଚୟ ପତ୍ର ପ୍ରଦାନ କରା ଯାଇଥିଲା। ଏହି କାର୍ଯ୍ୟକ୍ରମ ବରିଷ୍ଠ ନାଗରିକ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।



# କରତକଳ ଉପରେ ଚଢ଼ଉ ବେଳେ ହଟହଟା

**ଭଦ୍ରକ,୨୭।୨(ସମିସ)**

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅଧୀନ ଧାମନଗର ଛକ, ହବିବନଗର, ମୁଲଣୀସାହି, ଧୂଷୁରୀ, ଉଦେଇପୁର ଓ ଦାଣ୍ଡକୁଳ ଆଦି ଠାରେ ବେଆଇନ କରତକଳ ଦୀର୍ଘଦିନ ହେବ ଚାଲୁଛି। ମାସିକ ବଟି ନେଇ ବିଭାଗ ଆଖିବୁଜି ରହିଥାଏ। ଯେବେ ଉପରୁ ନିର୍ଦ୍ଦେଶ ଆସେ ଲୋକ ଦେଖାଣିଆ କରତ କଳ ଉପରେ ଚଢ଼ଉ ହେଉଥିବା ଅଭିଯୋଗ ହୁଏ। ତେବେ ଆଜି ବନ ବିଭାଗ ପକ୍ଷରୁ ଦାଣ୍ଡକୁଳ କରତକଳ ଉପରେ ଚଢ଼ଉ ବେଳେ ବିରୋଧରେ ଶିକାର ହୋଇଛନ୍ତି। ବିଭାଗ ଏପରିକି ହଟହଟା ବି ହେବାକୁ ପଡିଥିବା ଜଣାଯାଇଛି। ସକାଳ ୭ଟା ବେଳେ ବିଭାଗ ପକ୍ଷରୁ ଜିଲ୍ଲା ଓ ବ୍ଲକ ବନବିଭାଗର ମିଳିତ ଚଢ଼ଉ ବେଳେ ସ୍ଥାନୀୟ ଲୋକଙ୍କ ବିରୋଧରେ ଶିକାର ହୋଇଥିଲେ ଅଧିକାରୀ। ଏପରିକି ଠେଲା ପେଲା ମଧ୍ୟ ହୋଇଥିଲା।



ସେମାନେ ବିରୋଧ ଥିଲା ଯେ ଧାମନଗର ବନ ବିଭାଗ ଅଫିସର ଚାରି ପଟେ ବେଆଇନ କରତକଳ ଚାଲିଥିବା ବେଳେ ସେଠାକୁ ନ ଯାଇ ବାରମ୍ବାର ଗୋଟିଏ କରତକଳ ଉପରେ କାହିଁକି ଚଢ଼ଉ କରାଯାଉଛି ବୋଲି ବିରୋଧ କରିଥିଲେ। ପରେ ଅଧିକାରୀଙ୍କ ସାଲିସ କ୍ରମେ କିଛି କାଠ ଓ ଭଙ୍ଗା ମେସିନ ନେଇ ପଳାଇ ଆସିଥିଲେ। ଏହି ଚଢ଼ଉ ବେଳେ ଏସିଏଫ୍ ସୁମିତ ମହାନ୍ତି, ଧାମନଗର ତହସିଲଦାର ଦୀପକ ଦାସ, ଧାମନଗର ବନ ଅଧିକାରୀ ସୁଷମା ସାହୁ ସମେତ ଭଣ୍ଡାରିପୋଖରୀ, ଚାନ୍ଦବାଲି, ବାସୁଦେବପୁର ଓ ଭଦ୍ରକ ବନ ଅଧିକାରୀ ସମେତ ପୋଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ। ତେବେ ଚଢ଼ଉ ବେଳେ କିଛିଟା ବିରୋଧ ହୋଇ ଥିଲା ପରବର୍ତ୍ତୀ ସମୟରେ ଚଢ଼ଉ ଜାରି ରହିଥିଲା। ଅନ୍ୟପକ୍ଷରେ ବନବିଭାଗର କିଛି କର୍ମଚାରୀ କରତକଳ ମାଲିକଙ୍କ ସହ ସଲାସୁତରା କରି କରତ କଳ ଚଳାଉଛନ୍ତି ବୋଲି ଅଭିଯୋଗ ହେଉଛି।



## ମହାଦେବଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

**ଟମକା, ୨୭।୨(ସମିସ):** ସ୍ଥାନୀୟ ଥାନା ଅନ୍ତର୍ଗତ ବାଙ୍ଗରକୋଟା ଗ୍ରାମରେ ନୂତନ ବିଗ୍ରହ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅଙ୍କୁରରୋପଣ, କଳସ ଯାତ୍ରା, ହୋମଯଜ୍ଞ, ନାମ ଯଜ୍ଞ, ଆଦି ଗ୍ରାମ ଓ ବିଶ୍ୱର କଲ୍ୟାଣ ନିମନ୍ତେ ମହାଦେବ ଶିବଙ୍କ ନାଗପୂଜା, ମହାଲିଙ୍ଗ, ପୂଜା ମହାସମାରୋହରେ ପାଳନ କରାଯାଇଛି ।ଏହି ପବିତ୍ର କାର୍ଯ୍ୟରେ ମନ୍ତ୍ରୀ ଙ୍କ ପ୍ରୀତୀରଞ୍ଜନ ଘଡ଼ାଇ, ଘଷିପୁରା ନିର୍ବାଚନ ମଣ୍ଡଳୀର ବିଧାୟକ ବଦ୍ରିନାରାୟଣ ପାତ୍ର, ଦାନଗଦୀ ବ୍ଲକର ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ଉପାଧ୍ୟକ୍ଷ ଅଜୟ କୁମାର ବିନ୍ଧାଣୀ, ଜିଲ୍ଲାପରିଷଦ ସଭ୍ୟା ସ୍ମୃତିରାଣୀ ରାଉତ, ସ୍ଥାନୀୟ ସମିତି ସଭ୍ୟା ଗୋପାଳ ବାରିକ, ଯୁବସମାଜସେବୀ ସୌମ୍ୟରଞ୍ଜନ ମହାପାତ୍ର, ମହେଶ୍ୱର ଗୁରୁ ଯୋଗଦେଇ ମହାଦେବଙ୍କ ଦର୍ଶନକରି ରାଜ୍ୟର ମଙ୍ଗଳ କାମନା କରିଥିଲେ । ଶ୍ରଦ୍ଧାଳୁମାନଙ୍କ ପାଇଁ ଆନନ୍ଦପୁରରୁ ଆସିଥିବା କଳାକାରମାନଙ୍କଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ କରାଯାଇଥିଲା । ଏହି ପବିତ୍ର କାର୍ଯ୍ୟରେ ପଞ୍ଚାନନ ବଳ, ଭେରିଗୁଡ଼ ରାଉତ, ମନୋଜ ରାଉତ, ମଳୟରାଉତ, ସନ୍ଦିପ ବଳ, ଲିଟୁବଳ, ସମେତ ଗ୍ରାମର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।ଏହି ଉତ୍ସବରେ ହଜାର ହଜାର ଜନସାଧାରଣ ଉପସ୍ଥିତ ରହିଥିଲେ ।

## ମୁଣ୍ଡମାଳ ଚୋରି ଘଟଣାରେ ପୁଲିସର ହାତ ଖାଲି

**ବ୍ୟାସନଗର, ୨୭ ।୨(ସମିସ):** ଶନିବାର ବିଳମ୍ବ ରାତିରେ ଯାଜପୁରରୋଡ ଥାନା ମୁଣ୍ଡମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ ଥିବା ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ଘଟଣାରେ ପୁଲିସ କାହାକୁ ଧରିବାରେ ସକ୍ଷମ ହୋଇନି । ଯାଜପୁରରୋଡ ଥାନା ମୁଣ୍ଡମାଳ ଅଞ୍ଚଳର ଅନୁପ କୁମାର କୁଣ୍ଡୁ ଓ ପତ୍ନୀ କନିକା କୁଣ୍ଡୁ ଘରେ ନ ଥିବା ସୁଯୋଗ ନେଇ ଦୁର୍ବୃତ୍ତ ଘରେ ପଶି ଲକ୍ଷାଧିକ ଟଙ୍କାର ସୁନାରୂପା ଗହଣା ଚୋରି କରି ନେଇଥିଲେ । କୁଣ୍ଡୁ ଦମ୍ପତି ଚିକିତ୍ସା ଉଦ୍ଦେଶ୍ୟରେ ବାହାରକୁ ଯାଇଥିବାବେଳେ କେହି ଠାଉରିଆ ବ୍ୟକ୍ତିର ସହଯୋଗ ନେଇ ବିଳମ୍ବ ରାତିରେ ଦୁର୍ବୃତ୍ତ ସାମ୍ନାପଟ କବାଟ ଓ ଗ୍ରିଲ୍ ତାଲା ଭାଙ୍ଗି ଘରେ ପଶିଥିଲେ । ଏ ଘଟଣାକୁ ନେଇ ଶ୍ରୀ କୁଣ୍ଡୁଙ୍କ ଝିଅ ଶିଳ୍ପା କୁଣ୍ଡୁ ତୁରନ୍ତ କୋଲକାତାରୁ ଏଠାକୁ ଆସି ଯାଜପୁରରୋଡ ଥାନାରେ ଏତଲା ଦେଇଥିଲେ । ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯିବା ସହ ଘଟଣାର ତଦନ୍ତ ଜାରି ରହିଛି । ତେବେ ଘଟଣାକୁ ଚାରିଦିନ ବିତିଲା ପରେ ବି ପୁଲିସକୁ ଚୋରି ସମ୍ପର୍କରେ କୌଣସି ସୁରାକ ପାଇପାରିନାହିଁ ।

## ଖରସ୍ରୋତା କଲେଜରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




**ବିଞ୍ଝାରପୁର, ୨୭।୨(ସମିସ):** ବିଞ୍ଝାରପୁର ବ୍ଲକର ସିଂହପୁରଠାରେ ଅବସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ବିଂଝାରପୁର ଥାନା ଅଧିକାରିଣୀ ଅଂଶୁମାଳା ଦାସ ଓ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଯୋଗ ଦେଇଥିଲେ । ଖରସ୍ରୋତା ମହାବିଦ୍ୟାଳୟର ଅଧ୍ୟକ୍ଷ ଶରତ ଚନ୍ଦ୍ର ପତି ସମାବେଶରେ ସଭାପତିତ୍ୱ କରିଥିଲେ । ଆତ୍ମସୁରକ୍ଷା ପ୍ରଶିକ୍ଷଣର ସଂଯୋଜିକା ଭାବେ ପୁଷ୍ପଲତା ଜେନା, ଅର୍ପିତା ସ୍ୱାଇଁ, ପ୍ରୀତିରେଖା ଭୂୟାଁ ଯୋଗଦେଇଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରୀଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣର କୌଶଳ ଉପଦେଶ ଦେଇଥିଲେ । ବିଂଝାରପୁର ଥାନା ଅଧିକାରିଣୀ ଅଂଶୁମାଳା ଦାସ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଛାତ୍ରୀଙ୍କୁ ନିଜକୁ ସୁରକ୍ଷା ଦେବା ପାଇଁ ମନକୁ ଦୃଢ଼ କରିବା ସହିତ ବୌଦ୍ଧିକ, ମାନସିକ, ଶାରିରୀକ ସ୍ତରରେ ଦକ୍ଷତା ହାସଲ କରିବା ପାଇଁ ଉପଦେଶ ଦେଇଥିଲେ ।

## ବ୍ଲକ୍‌ସ୍ତରୀୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବନ୍ଧୁମିଳନ




**ଧର୍ମଶାଳା, ୨୭ ।୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା କଲ୍ୟାଣ ମଣ୍ଡପ ଠାରେ ଧର୍ମଶାଳା ବ୍ଲକର ବ୍ଲକସ୍ତରୀୟ ନୂତନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଧର୍ମଶାଳା ବ୍ଲକ ପ୍ରତିନିଧି ଶ୍ରୀଧର ସ୍ୱାଇଁ ଙ୍କ ତତ୍ତ୍ୱାବଧାନରେ ଯାଜପୁର ଜିଲ୍ଲା 'ମୋ ସ୍କୁଲ'ର ସଭାପତି ରାଜେନ୍ଦ୍ର ଶତପଥୀ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ କୁମାରସେନ ସେନାପତି, ଧର୍ମଶାଳା ମଣ୍ଡଳର ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରିଣୀ ମମିତା ମହାନ୍ତି ଓ ଜିଲ୍ଲାର ସମସ୍ତ ବ୍ଲକର ପ୍ରତିନିଧି ଯୋଗଦେଇଥିଲେ । ସୁସ୍ଥ ସମାଜ ଗଠନ କରିବାରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ମାଟି ପିଣ୍ଡୁଳାରେ ମାଟି ହାଣ୍ଡି ଗଢିବାରେ କୁମ୍ଭାରର ଯେତିକି ଭୂମିକା ଥାଏ ଠିକି ସେହିପରି ଛାତ୍ର ଛାତ୍ରୀ ମାନଙ୍କୁ ଉଚ୍ଚ ଶିକ୍ଷା ଦେଇ ସମାଜରେ ଶିକ୍ଷାର ଅଗ୍ରଗତି ନିମନ୍ତେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଝାଳବୁହା ପରିଶ୍ରମ ଅନିର୍ବାର୍ଯ୍ୟ ବୋଲି ମତ ପ୍ରକାଶ ପାଇଥିଲା । ଏହି ବନ୍ଧୁମିଳନ ଉତ୍ସବରେ ଧର୍ମଶାଳା ବ୍ଲକରେ ୨୦୨୧, ୨୦୨୨ ଓ ୨୦୨୩ ରେ ନିଯୁକ୍ତି ପାଇଥିବା ନୂତନ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଯୋଗଦେଇ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ । ଜିଲ୍ଲାଶିକ୍ଷକ ସଂଗଠନର ପ୍ରତିନିଧି ଚିନ୍ମୟ ରଥ ଏଭଳି ନିଆରା ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

### ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ

# ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହଭାଗିତା ଅତ୍ୟନ୍ତ ଜରୁରୀ

**ଯାଜପୁର, ୨୭ ।୨(ସମିସ)**





ଆଜି ପୂର୍ବାହ୍ନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରୋତ୍ସାହନରେ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାଶିଷ ମହାରଣାଙ୍କ ପୌରୋହିତ୍ୟରେ ଜିଲ୍ଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଚ୍ଛି ।

ଏଥିରେ ମୁଖ୍ୟ ଅତିଥି ଭାବେ ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା ଯୋଗଦେଇ କହିଲେ ଯେ, ଆଶା ଏବଂ ଗାଁ କଲ୍ୟାଣ ସମିତି ସ୍ୱାସ୍ଥ୍ୟ ସେବା ପ୍ରଦାନର ମୂଳ ଭିତ୍ତିଭୂମି ଅଟେ । ମହିଳାମାନେ ସର୍ବୋପରି ଆଶା ଦିଦି, ଅଙ୍ଗନୱାଡି କର୍ମୀ ସମାଜର ତୃଣମୂଳ ସ୍ତରରେ ସରକାରଙ୍କ ସମସ୍ତ ସ୍ୱାସ୍ଥ୍ୟ ଯୋଜନାର ସଫଳତା ସେମାନଙ୍କ ଉପରେ ହିଁ ନିର୍ଭର କରିଥାଏ । ସମ୍ମାନିତ ଅତିଥି ଭାବେ ଡେପୁଟୀ କଲେକ୍ଟର ସୁମନ ଦାସ, ପ୍ରଶାସନିକ ଅଧିକାରୀ କ୍ଷୀରୋଦ କୁମାର ଦାସ, ଏଡିପିଏଚ୍‌ଓ(ଟିବି) ଡା. ଦେବରାଜ ହାଂସଦା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସବିତା ଚ୍ୟାଉ ପଟ୍ଟନାୟକ, ଜାତୀୟ ସ୍ୱାସ୍ଥ୍ୟ ମିଶନ (ଡିପିଏମ୍) ବନବିହାରୀ ମିଶ୍ର ଯୋଗଦେଇ ସମ୍ମିଳନୀର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ । ୨୦୨୩-୨୪ ବର୍ଷରେ ସର୍ବଶ୍ରେଷ୍ଠ ଅବଦାନ ପାଇଁ କୋରାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଗତ ଗୌରପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଧିନ ଇଚ୍ଛାପୁର ଗ୍ରାମର ଆଶାକର୍ମୀ ପ୍ରମିଳା ସାହୁଙ୍କୁ ପ୍ରଥମ, ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଗତ ସାହୁପଡ଼ା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଧିନ ସାହୁପଡ଼ା ଗ୍ରାମର ଆଶାକର୍ମୀ ପୁଷ୍ପଲତା ମଲ୍ଲିକଙ୍କୁ ଦ୍ୱିତୀୟ ଏବଂ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଗତ ଜାରକା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଧିନ ପଣ୍ଡୁଆ ଗ୍ରାମର ଆଶାକର୍ମୀ ମନୋରମା ଓଝାଙ୍କୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛିଥି ।

ସେହିପରି ୨୦୨୩-୨୪ ବର୍ଷ ପାଇଁ ଜିଲ୍ଲା ସ୍ତରୀୟ ଶ୍ରେଷ୍ଠ ଉପକେନ୍ଦ୍ର- ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପୁରସ୍କାର ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନ କଳଣ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଏବଂ କୋରାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନ ଜହ୍ନା ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ପୁରସ୍କୃତ କରାଯାଇଛି। ଏଥି ସହିତ ଜିଲ୍ଲାର ୨୦୨୩-୨୪ ବର୍ଷ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରୀୟ ୧୧ଜଣ ଆଶାକର୍ମୀଙ୍କୁ ପ୍ରଥମ ପୁରସ୍କାର, ୧୧ ଜଣ ଆଶା କର୍ମୀଙ୍କୁ ଦ୍ୱିତୀୟ ପୁରସ୍କାର ଏବଂ ୧୧ ଜଣ ଆଶାକର୍ମୀଙ୍କୁ ତୃତୀୟ ପୁରସ୍କାରରେ ସମ୍ମାନିତ କରାଯିବା ସହ ୨୦୨୩-୨୪ ବର୍ଷ ପାଇଁ ଗାଁ କଲ୍ୟାଣ ସମିତି, ବାଣପୁର, କନିକାପଡ଼ା, ଜାମପଡ଼ା, ବାଙ୍ଗରକୋଟା, ଦେଉଳି, ନଥୁଆବର, ସମିଆ, ଅଳତିରି, ଖରଡି ଏବଂ ଆଉଁରୀ ଗାଁ କଲ୍ୟାଣ ସମିତିକୁ ନେଇ ୧୦ ଗୋଟି ଗାଁ କଲ୍ୟାଣ ସମିତିକୁ ସୁସ୍ଥ ଗାଁ ପୁରସ୍କାର ପ୍ରଦାନ କରାଯାଇଚ୍ଛି । ଅନ୍ୟ ମାନଙ୍କ ମଧ୍ୟରେ ଡ୍ୟାମ୍ ସରୋଜକାନ୍ତ ଦାସ, ଡିଡିଏମ୍ ମଧୁସ୍ମିତା ପାଢ଼ୀ, ଏଏମ୍‌ସିପି ନେତ୍ରାନନ୍ଦ ଜେନା, ଏଏମ୍‌କ୍ୟୁଏ ଲୋପାମୁଦ୍ରା ଦାସମହାପାତ୍ର, ଆଇସିଏ ଶୁଭ୍ରଜିତ୍ ପୃଷ୍ଟି, ପିପିଏମ୍ ମାନସ ରଞ୍ଜନ ସାମଲ, ସିସିଟି ରମେଶ ଚନ୍ଦ୍ର ମିଶ୍ର, ଡିଭିଏଲ୍‌ଏମ୍ କଳ୍ପନା ଦାସ, ଏପିଏମ୍ ଭାବଗ୍ରାହୀ ମିଶ୍ର, ଡିପିଏଚ୍‌ସିଓ ସ୍ମୃତିଲତା ବିଶ୍ୱାଳ, ଏଡିପିଏଚ୍‌ସିଓ ସଂଯୁକ୍ତା ପଣ୍ଡା, ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଜନ ପ୍ରତିନିଧି, ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ପଦାଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗ ଦେଇଥିଲେ ।

## ବାଲିଚନ୍ଦ୍ରପୁରଠାରେ ବିଜେଡିର ମହିଳା ସମାବେଶ

**ବାଲିଚନ୍ଦ୍ରପୁର, ୨୭।୨(ସମିସ)**



ରାଜ୍ୟ ମହିଳା ବିଜେଡିର ପୂର୍ବତନ ସାଧାରଣ ସମ୍ପାଦିକା ତଥା ବିଜେଡି ନେତ୍ରୀ ମନୋରମା ଆଚାର୍ଯ୍ୟ ବାଲିଚନ୍ଦ୍ରପୁରଠାରେ ଏକ ବିଶାଳ ମହିଳା ସମାବେଶ କରିଥିବା ଦେଖିବାକୁ ମିଳିଥିଲା । ଶ୍ରୀମତୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବାଲିଚନ୍ଦ୍ରପୁର ଥାନା ରୋଡ ସ୍ଥିତ ମା' ତାରିଣୀ ମନ୍ଦିର ନିକଟରୁ ୧୯ ଓ ୨୦ ନମ୍ବର ଜୋନ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରୁ ସହସ୍ରାଧିକ ମହିଳା ଏକାଠି ହୋଇ ଆଜିର ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ପରେ ଏହି ଶୋଭାଯାତ୍ରା ବାଲିଚନ୍ଦ୍ରପୁର ବଜାର ଦେଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା । ଏଠାରେ ଶ୍ରୀମତୀ ଆଚାର୍ଯ୍ୟ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଏହି ଶୋଭାଯାତ୍ରା ନାନପୁର ପଟଣା ଗ୍ରାମର କିଛି ଅଂଶ ପରିକ୍ରମା କରି ରବୀନ୍ଦ୍ର ମଣ୍ଡପ ନିକଟରେ ପହଞ୍ଚିଥିଲା । ବଡଚଣାର ବିକାଶ ଧାରାକୁ ଅଧିକ ତ୍ୱରାନ୍ୱିତ କରିବା ସହିତ ମହିଳା ମାନଙ୍କ ବିକାଶ ମୋର ଏକମାତ୍ର ଲକ୍ଷ୍ୟ ବୋଲି ଶ୍ରୀମତୀ ଆଚାର୍ଯ୍ୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ତାଙ୍କ ପ୍ରତିକ୍ରିୟାରେ କହିଥିଲେ । ଶ୍ରୀମତୀ ଆଚାର୍ଯ୍ୟଙ୍କ ଏହି ମହିଳା ଶୋଭାଯାତ୍ରାରେ ଅଧିକ ସଂଖ୍ୟକ ମହିଳା ସାମିଲ ହୋଇଥିବା ନେଇ ଆଜି ବଡଚଣାରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି ।

## ଉଚ୍ଚ କ୍ଷମତାସମ୍ପନ୍ନ ଆଲୋକ ପିଣ୍ଡି ଅପସାରଣ ଦାବି

**ପାଣିକୋଇଲି, ୨୭।୨(ସମିସ):** ୧୬ ଓ ୨୦ ନମ୍ବର ଜାତୀୟ ରାଜପଥର ସଂଯୋଗସ୍ଥଳୀ ପାଣିକୋଇଲି ହୋଇଥିବାରୁ ପ୍ରତିଦିନ ଜିଲ୍ଲା ତଥା ରାଜ୍ୟ ବାହାରକୁ ହଜାର ହଜାର ଛୋଟ ଯାନ ସମେତ ମାଲବାହୀ ଭାରୀଯାନ ଓ ଯାତ୍ରୀବାହୀ ବସ ଚଳାଚଳ କରିଥାଆନ୍ତି । ଏତଦ୍‌ବ୍ୟତୀତ କଳିଙ୍ଗ ନଗର ଶିଳ୍ପାଞ୍ଚଳକୁ ଭାରୀଯାନ ଓ ଟ୍ରେଲର ଯିବା ଆସିବା କରିବା ସହିତ କେନ୍ଦୁଝର ଜିଲ୍ଲା ଯୋଡ଼ା, ବଡ଼ବିଲରୁ ପ୍ରତିଦିନ ହଜାର ହଜାର ଲୁହାପଥର ବୋଝେଇ ଟ୍ରକ ପାଣିକୋଇଲି ମଧ୍ୟ ଦେଇ ପାରାଦୀପ ଓ ଧାମରା ବନ୍ଦର ସମେତ ଅନ୍ୟ ରାଜ୍ୟ ଅଭିମୁଖେ ଯାଇଥାଆନ୍ତି । ମାତ୍ର ପାଣିକୋଇଲିଠାରେ ଟ୍ରାଫିକ ସମସ୍ୟା କମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ିବଢ଼ି ଚାଲିଛି । ଏଥି ପାଇଁ ପାଣିକୋଇଲି ଥାନା ପକ୍ଷରୁ ନିୟୋଜିତ ହେଉଥିବା ପୁଲିସ କର୍ମଚାରୀ ମାନଙ୍କୁ ଟ୍ରାଫିକ ନିୟନ୍ତ୍ରଣ ଲାଗି ନାକେଦମ ହେବାକୁ ପଡୁଛି । ପ୍ରତିଦନି ସନ୍ଧ୍ୟା ୫ ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଯାନବାହନର ଅସମ୍ଭବ ଭିଡ଼ ଲାଗି ରହୁଛି ପାଣିକୋଇଲି ବଜାର ଉପରେ । ଏଥିଲାଗି ଅନ୍ୟତମ ବାଧକ ସାଜିଛି ପାଣିକୋଇଲି ବଜାର ଉପରେ ସଦ୍ୟ ବାହାର କରାଯାଇଥିବା ହାଇମାକ୍ସ ଲାଇଟର କଂକ୍ରିଟ ପିଣ୍ଡିକୁ ନେଇ । ଦୀର୍ଘବର୍ଷ ଧରି ଅଚଳ ହୋଇ ପଡ଼ି ରହିବା ପରେ ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ତଥା ସ୍ଥାନୀୟ ଯୁବ ନେତା ରାକେଶ ସାହୁଙ୍କ ଉଦ୍ୟମରେ ଉକ୍ତ ଲାଇଟଟିକୁ ଅପସାରଣ କରାଯାଇଥିଲେ ମଧ୍ୟ ଜାତୀୟ ରାଜପଥ ବିଭାଗ ଲାଇଟ ପୋଷ୍ଟଟିକୁ ହଟାଇ ଦେଇ ଅଚିନ୍ତା ନିଦ୍ରାରେ ଶୋଇ ପଡ଼ିଛି । ତେବେ ଉକ୍ତ ଲାଇଟର ପିଣ୍ଡିକୁ ଦିନେ ଦୁଇ ଦିନ ମଧ୍ୟରେ ଅପସାରଣ କରାଯିବ ବୋଲି କଥା ଦେଇ ଯାଇଥିବା ବିଭାଗୀୟ କର୍ମକର୍ତ୍ତାଙ୍କର ଦେଖା ଦର୍ଶନ ନାହିଁ । ଫଳରେ ଉକ୍ତ ଲାଇଟ ପୋଷ୍ଟର ପିଣ୍ଡିକୁ ନେଇ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହିତ ଦୁର୍ଘଟଣା ମଧ୍ୟ ଘଟୁଛି । ତେବେ ଏ ନେଇ ରାଜପଥ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ନେବା ଲାଗି ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଉ ନାହାନ୍ତି । ତେଣୁ ଉକ୍ତ ଲାଇଟ ପୋଷ୍ଟର କଂକ୍ରିଟ ଢଲେଇ ପିଣ୍ଡିକୁ ବଜାର ଉପରୁ ହଟାଯିବା ସହିତ ରାସ୍ତାର ବଜାରର ଉଭୟ ପାର୍ଶ୍ୱରେ ଦୁଇଟି ଟ୍ରାଫିକ ପୋଷ୍ଟ କରିବା ଲାଗି ସାଧାରଣରେ ଦାବି ହେଉଛି ।

## ଆଇଡିଆଲ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

**ମଙ୍ଗଳପୁର, ୨୭ ।୨(ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁର ବଜାରସ୍ଥ ମଙ୍ଗଳପୁର ଆଇଡିଆଲ ପବ୍ଲିକ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ପରିଚାଳନା କମିଟି ସଭାପତି ପରୀକ୍ଷିତ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉଦଘାଟକ ଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାଶ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । କଣ୍ଠଶିଳ୍ପୀ ସାଇଶ୍ରୀ ପୃଷ୍ଟି ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ସ୍କୁଲର ଅଧ୍ୟକ୍ଷ ମାନସ ରଞ୍ଜନ ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟଅତିଥିଭାବେ ଅତିରିକ୍ତ ଆୟୁକ୍ତ ଭୂଲେଖ ଓ ବନ୍ଦୋବସ୍ତ କମିଶନର ଅକ୍ଷୟ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଚିନ୍ମୟ ଫାଉଣ୍ଡେସନର ମୁଖ୍ୟ ଚିନ୍ମୟ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ତଥା ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ



ଯାଜପୁର ଜିଲ୍ଲା ସଂଯୋଜକ ହରିହର ସ୍ୱାଇଁ, ଦଶରଥପୁର ବ୍ଲକ ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ, ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା, ଦଶରଥପୁର ବ୍ଲକ ଏବିଡିଓ ତ୍ରିଲୋଚନ ସେଠୀ, ୬ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମଙ୍ଗଳପୁର ସରପଞ୍ଚ ସସ୍ମିତା ଧଳ, ଶିକ୍ଷାବିତ ବିପିନ ବିହାରୀ ସେନାପତି, ଆଇଡିଆଲ ପବ୍ଲିକ ସ୍କୁଲର ଓନର ତୁଷାର ରଞ୍ଜନ ନାୟକ, କାର୍ଯ୍ୟକାରୀ ସଭାପତି ଦିନେଶ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ ।

### ମଲ୍ଲିକାପୁରରେ ଯୋଜନାର ସୁଫଳ ପାଉନାହାନ୍ତି ପ୍ରକୃତ ହିତାଧିକାରୀ

## ପ୍ରଦୀପଙ୍କ ପାଇଁ ଆବାସ ସାତସପନ

**ମଙ୍ଗଳପୁର, ୨୭।୨(ସମିସ)**



ସରକାର ବହୁ ଯୋଜନା କାର୍ଯ୍ୟକାରୀ କରୁଥିବାବେଳେ ପ୍ରକୃତ ଗରିବ ଜନସାଧାରଣ ସରକାରଙ୍କର ବିଭିନ୍ନ ଜନହିତକର ଯୋଜନାର ସୁଫଳ ପାଇପାରୁ ନ ଥିବା ଦେଖିବାକୁ ମିଳିଛି । ଏମିତି ଘଟଣା ଦେଖିବାକୁ ମିଳିଛି ଦଶରଥପୁର ବ୍ଲକ ମଲ୍ଲିକାପୁର ପଞ୍ଚାୟତସ୍ଥ ବୈଷପାନ ଗ୍ରାମର ପ୍ରଦୀପ ଦାସଙ୍କ ପରିବାର କ୍ଷେତ୍ରରେ । ପ୍ରଦୀପଙ୍କ ପରିବାର କହିଲେ ପିଲା ଛୁଆଙ୍କୁ ମିଶାଇ ୬ ପ୍ରାଣୀ କୁଟୁମ୍ବ । ମୁଣ୍ଡ ଗୁଞ୍ଜିବା ପାଇଁ ପକ୍କାଘର ପ୍ରଦୀପଙ୍କ ପାଇଁ ସାତସପନ ସାଜିଥିବାବେଳେ ମାଟି ଘର ଖଣ୍ଡିଏ ବି ନ ଥିବା ଦେଖିବା ପାଇଁ ମିଳିଛି । ଜରିପାଲ ତଳେ ୬ ପ୍ରାଣୀ କୁଟୁମ୍ବ ମୁଣ୍ଡ ଗୁଞ୍ଜି ରହିଥିବାବେଳେ ସରକାରୀ ଯୋଜନା ଯେମିତି ପ୍ରଦୀପଙ୍କ ପାଇଁ ଅପହଞ୍ଚ ସାଜିଛି । ଖରା, ବର୍ଷା, ଶୀତ ଦିନରେ ବିପଦପୂର୍ଣ୍ଣ ଭାବେ ପୁଅଝିଅଙ୍କୁ ନେଇ ପାଲ ତଳେ ଜୀବନ ବିତାଉ ଥିବାବେଳେ କୌଣସି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ପ୍ରଦୀପଙ୍କ ପରିବାର ଉପରେ ପଡ଼ିନାହିଁ ।

ପ୍ରଦୀପ ଘର ଖଣ୍ଡିଏ ପାଇଁ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ଅଫିସ ପର୍ଯ୍ୟନ୍ତ ବାରମ୍ବାର ଦୌଡ଼ି ଦୌଡ଼ି ଗୁହାରି ଜଣାଇଥିଲେ ମଧ୍ୟ ତାଙ୍କୁ ଏଥିପାଇଁ ନିରାଶ ହେବାକୁ ପଡ଼ିଛି । ପ୍ରଦୀପଙ୍କୁ ଘର ଖଣ୍ଡିଏ କେମିତି ମିଳିବ ପ୍ରଶାସନିକ ଅଧିକାରୀ ଆନ୍ତରିକତା ଦେଖାଉ ନ ଥିବା ଜଣାପଡ଼ିଛି । ପ୍ରଦୀପ ଜଣେ ଗରିବ ଖଟିଖିଆ ମଣିଷ ହୋଇଥିବାବେଳେ ପ୍ରଦୀପଙ୍କ ଘରଖଣ୍ଡିଏ ନ ଥିବାରୁ ଦିନରେ ଖରା ରାତିରେ ତାରା ଦେଖି ଜୀବନ ନିର୍ବାହ କରୁଛନ୍ତି । ଏମିତିକି ମଣିଷ, ଗାଈଗୋରୁ, ଛେଳି ଗୋଟିଏ ଯାଗାରେ ଶୋଉଥିବା ଦେଖିବାକୁ ମିଳିଛି । ତାଙ୍କୁ ଏକ ଘର ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି ।

### ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ସପ୍ତାହ

# ଟାଟା ଷ୍ଟିଲ୍‌ର କ୍ରୋମାଇଟ୍ ଖଣି ସମୂହକୁ ୬ଟି ପୁରସ୍କାର

**କାଳିଆପାଣି, ୨୭ ।୨(ସମିସ)**




୨୫ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ସପ୍ତାହ ପାଳନ ଅବସରରେ ୬ଟି ସମ୍ମାନଜନକ ପୁରସ୍କାର ହାସଲ କରିଛି ଟାଟା ଷ୍ଟିଲର ସୁକିନ୍ଦା କ୍ରୋମାଇଟ୍ ଖଣି, ସାରୁଆବିଲ କ୍ରୋମାଇଟ୍ ଖଣି ଓ କମର୍ଦ୍ଦା କ୍ରୋମାଇଟ୍ ଖଣି । ରାଜଧାନୀ ଭୁବନେଶ୍ୱରରେ ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ ପକ୍ଷରୁ ଆୟୋଜନ କରାଯାଇଥିବା ଏହି କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ବିଭିନ୍ନ ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଟାଟା ଷ୍ଟିଲର ଫେରୋ ଆଲଏଜ୍ ଓ ମିନେରାଲ୍ସ ଡିଭିଜନ ଅଧୀନରେ ପରିଚାଳତ ସାରୁଆବିଲ କ୍ରୋମାଇଟ୍ ଖଣିକୁ ସିଷ୍ଟମାଟିକ୍ ଆଣ୍ଡ ସାଇଣ୍ଟିଫିକ୍ ଡେଭେଲପମେଣ୍ଟ ବର୍ଗରେ ପ୍ରଥମ, ସଷ୍ଟେନେବଲ୍ ଡେଭେଲପମେଣ୍ଟ ବର୍ଗରେ ପ୍ରଥମ, ଓଭରଅଲ୍ ପରଫର୍ମାନ୍ସ ବର୍ଗରେ ପ୍ରଥମ ଓ ବୃକ୍ଷରୋପଣ ବର୍ଗରେ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି । ସେହିପରି ବର୍ଜ୍ୟବସ୍ତୁ ଉତ୍ପନ୍ନ ପରିଚାଳନାରେ କମ୍ପାନୀର ସୁକିନ୍ଦା କ୍ରୋମାଇଟ୍ ଖଣି ପ୍ରଥମ ପୁରସ୍କାର ହାସଲ କରିଥିବାବେଳେ ପୁନରୁଦ୍ଧାର ଓ ପୁନର୍ବାସ ବର୍ଗରେ କମର୍ଦ୍ଦା କ୍ରୋମାଇଟ୍ ଖଣି ପ୍ରଥମ ପୁରସ୍କାର ହାସଲ କରିଛି ।

ଏହି ସଫଳତା ପାଇଁ ଖୁସି ପ୍ରକାଶ କରି ଫେରୋ ଆଲଏଜ୍ ଓ ମିନେରାଲ୍ସ ଡିଭିଜନର ଏକଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା କହିଛନ୍ତି, ଏହି ସଫଳତା ପାଇଁ ଆମେ ଅତ୍ୟନ୍ତ ଆନନ୍ଦିତ । ମୁଁ ନିଶ୍ଚିତ ଯେ ଦୀର୍ଘସ୍ଥାୟୀ ଖଣି ଅଭ୍ୟାସ ପ୍ରତି ଆମର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବାରେ ଏହା ଆମ ଟିମକୁ ପ୍ରେରଣା ଦେବ ।

## ନାବାଳିକାକୁ ବଳାତ୍କାର ଅଭିଯୋଗ

**ବ୍ରହ୍ମବରଦା, ୨୭।୨(ସମିସ):** ବ୍ରହ୍ମବରଦା ଥାନା ଅନ୍ତର୍ଗତ ଏକ ପଞ୍ଚାୟତର ଜଣେ ନାବାଳିକାକୁ ଉକ୍ତ ଗ୍ରାମର ଜନୈକ ବ୍ୟକ୍ତି ବଳାତ୍କାର କରିଥିବା ପୀଡ଼ିତାଙ୍କ ବାପା ବ୍ରହ୍ମବରଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ବ୍ରହ୍ମବରଦା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ନାବାଳିକାକୁ ଡାକ୍ତରୀ ମାଇନା ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି । ଅଭିଯୋଗମତେ ଗତ ୨୪ ତାରିଖ ଅପରାହ୍ନରେ ନାବାଳିକାଙ୍କ ଘରେ ବାହାଘର ଥିବାରୁ ସେ ପଡୋଶୀ ଆଦିକନ୍ଦ ବେହେରା (୬୬) ଙ୍କ ଘରକୁ ନିମନ୍ତ୍ରଣ କରିବାକୁ ଯାଇଥିଲେ । ତାଙ୍କ ଘରେ ତାଙ୍କ ସ୍ତ୍ରୀ ନଥିବାରୁ ଏହାର ସୁଯୋଗ ନେଇ ଆଦିକନ୍ଦ ଘରର କବାଟ ବନ୍ଦ କରି ଜୋର୍ ଜବରଦସ୍ତ ନାବାଳିକାକୁ ବଳାତ୍କାର କରିଥିଲେ । ଏହା ସହିତ ଘଟଣା ସମ୍ପର୍କରେ ବାପା ମା'ଙ୍କୁ କହିଲେ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲା । ନାବାଳିକା ଜଣଙ୍କ ଘରେ ଆସି ନିଜ ବାପାଙ୍କୁ ଘଟଣା ସମ୍ପର୍କରେ ସବୁକଥା କହିଥିଲା । ଏହା ପରେ ତାଙ୍କ ବାପା ବ୍ରହ୍ମବରଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଘଟଣା ପରେ ଅଭିଯୁକ୍ତ ଫେରାର୍ ଥିବା ଏଏସ୍‌ଆଇ ସନାତନ ବେହେରା ସୂଚନା ଦେଇଛନ୍ତି ।

# ମିଶନ ଶକ୍ତି ମହିଳାଙ୍କୁ ସୁଧ ଫେରସ୍ତ, ଭତ୍ତା ପ୍ରଦାନ






**ଯାଜପୁର, ୨୭।୨(ସମିସ)**

ରାଜ୍ୟସରକାରଙ୍କ ପକ୍ଷରୁ ମହିଳା ମାନଙ୍କୁ ସଶକ୍ତିକରଣ କରିବା ଲକ୍ଷ୍ୟରେ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଛି। ଏଥିପାଇଁ ଆଜି ସାରା ରାଜ୍ୟର ଏସଏସଜି ମହିଳାଙ୍କ କଲ୍ୟାଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଏହାକୁ ଉଦଘାଟନ କରିଥିଲେ। ଏହି ଅବସରରେ ଯାଜପୁର ବ୍ଲକ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯାଜପୁର ବ୍ଲକ ମିଶନ ଶକ୍ତି ପ୍ରକଳ୍ପ ସଂଯୋଜିକା ଗୀତାରାଣୀ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯାଜପୁର ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ଯାଜପୁର ପୌରପାଳିକା ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଯାଜପୁର ସିଡିପିଓ ବାଜମ ଅରା ବେଗମ ପ୍ରମୁଖ ଯୋଗ ଦେଇ ମିଶନ ଶକ୍ତି ମହିଳା ମାନଙ୍କ ପାଇଁ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ମୋଟ ୧୦୭୧ ସ୍ୱୟଂସହାୟକ ଗୋଷ୍ଠୀ ପାଇଁ ୬୮ ଲକ୍ଷ ୩୫ ହଜାର ୪୬୫ ଟଙ୍କାର ଋଣ ଛାଡ ଘୋଷଣା କରାଯାଇଥିଲା। ଏଥିସହିତ ପ୍ରତ୍ୟେକ ସ୍ୱୟଂସହାୟକ ସଦସ୍ୟ ଙ୍କୁ ୟୁନିଫର୍ମ ଭତା ୧ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ମିଶନ ଶକ୍ତି ପକ୍ଷରୁ ମନସ୍ୱନୀ ଶତପଥି, ସର୍ମିଷ୍ଠା ପତି, ସୁଶ୍ରୀ ଦାସ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟାଙ୍କ କର୍ତ୍ତୃପକ୍ଷ, ଯାଜପୁର ବ୍ଲକ ର ସରପଂଚ, ସମିତିସଭ୍ୟ ଓ ଜିଲାପରିଷଦ ସଦସ୍ୟ ମାନେ ଉପସ୍ଥିତ ଥିଲେ।

**ଦଶରଥପୁର :** ରାଜ୍ୟ ସରକାରଙ୍କ ଦ୍ୱାରା ମିଶନ ଶକ୍ତି ଋଣ ପ୍ରଦାନ ଓ ସୁଧ ଟଙ୍କା ଫେରସ୍ତ ସହାୟତା ଯୋଜନାର ଭର୍ଚୁଆଲ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମିଶନ ଶକ୍ତି ପକ୍ଷରୁ ଦଶରଥପୁର ବ୍ଲକ ଦଶରଥପୁର ତହସିଲ ପଡ଼ିଆରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲ୍ଲା ମିଶନ ଶକ୍ତି ସଭାନେତ୍ରୀ ସୁଜାତା ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ, ସମ୍ମାନୀତ ଅତିଥି ଭାବେ ବାଚସ୍ପତିଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ବିଡ଼ିଓ ଆକାଶ ପଟନାୟକ, ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ଉପାଧ୍ୟକ୍ଷା ଝିଲ୍ଲୀ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ପାର୍ଥ ସାରଥୀ ମହାପାତ୍ର, ସଭ୍ୟା ମନସ୍ୱିନୀ ଦାସ, ମାମିନା ମଲ୍ଲିକ, ନିନାରାଣୀ ସାମଲ ପ୍ରମୁଖଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ/ସଭ୍ୟା ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ଭର୍ଚୁଆଲ ଶୁଭାରମ୍ଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ବିଡ଼ିଓ ଶ୍ରୀ ପଟ୍ଟନାୟକ ନିଜ ବକ୍ତବ୍ୟରେ ସରକାରଙ୍କ ଏହି ଯୋଜନାରେ ଦଶରଥପୁର ବ୍ଲକର ୧୧୮୭ଟି ମହିଳା ଗୋଷ୍ଠୀଙ୍କ ୮୦ ଲକ୍ଷ ୨୨ ହଜାର ୪୦୭ ଟଙ୍କା ଋଣ ସମ୍ବନ୍ଧୀୟ ସୁଧ ଛାଡ଼ କରାଯାଇଥିବା ସୂଚନା ଦେବା ସହିତ ଚଳିତ ଆର୍ଥିକ ବର୍ଷରେ ବ୍ଲକ ଅଧିନ ୩୧୪୨ ଏସ୍‌ଏଚ୍‌ଜି ମଧ୍ୟରୁ ୧୮୭୩ ଏସ୍‌ଏଚ୍‌ଜଙ୍କୁ ସରକାରଙ୍କ ଋଣ ପ୍ରଦାନ ଯୋଜନାରେ ସାମିଲ କରାଯାଇଥିବା ସୂଚନା ଦେଇଥିଲେ।


**ବିଂଝାରପୁର/ପ୍ରୀତିପୁର:** ଆଜି ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ମିଶନ ଶକ୍ତି ମହିଳା ମାନଙ୍କୁ ଋଣ ସୁଧ ଫେରସ୍ତ ଓ ୟୁନିଫର୍ମ ବଣ୍ଟନ ସହାୟତା ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ରିତା କୁମାରୀ ଦାସ ମତବ୍ୟକ୍ତ କରିଛନ୍ତି। ବିଡିଓ ବିଦ୍ୟେନ୍ଦୁ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରିତା ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସେକ ଏରସାଦ, ଜିଲ୍ଲାପରିଷଦ ସଭ୍ୟ ଅହଲ୍ୟା ସ୍ୱାଇଁ, ଖଗେଶ୍ୱର ମହାନ୍ତି, ମିଶନ ଶକ୍ତି ବିପିଏମ ମାନସ ଦାସ, ସଂଯୋଜକ ଭବାନୀ ଶଙ୍କର ମିଶ୍ର, ବିଏସଏସଓ ଧର୍ମେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ମହିଳା ସ୍ୱୟଂସହାୟକ ଗୋଷ୍ଠିରୁ ଶହ ଶହ ମହିଳା ସଭ୍ୟା ଯୋଗଦେଇଥିଲେ। ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

**ବରୀ:** ଆଜି ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଦିଆଯାଇଥିବା ଋଣର ସୁଧ ରାଶି ଫେରସ୍ତ କରିଛନ୍ତି। ସୂଚନା ମୁତାବକ ବରୀ ବ୍ଲକ ର ୧୦୭୫ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କୁ ୪୨୬୦୯୭୬ ଟଙ୍କା ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ବ୍ଲକ ପରିସରରେ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବରୀ ବ୍ଲକ ଅଧକ୍ଷ ଅଶୋକ କୁମାର ଗେଡ଼ି ଉପାଧକ୍ଷକ୍ଷ ଅର୍ଚ୍ଚନା ମଲିକ, ବିଡ଼ିଓ ପଞ୍ଚାନନ ମଲ୍ଲିକ ଅତିରିକ୍ତ ବିଡ଼ିଓ ମହେଶ୍ୱର ସେଠି, ଶିଶୁ ପ୍ରକଳ୍ପ ଅଧିକାରିଣୀ ସଙ୍ଗୀତା ଏଡା, ଜିଲ୍ଲାପରିଷଦ ସଭ୍ୟ ଅଶୋକ କୁମାର ସାମଲ, ଜ୍ୟୋସ୍ନା ରାଣୀ ନାଥଶର୍ମା, ସରପଞ୍ଚ ଧୀରେନ୍ଦ୍ର ଜେନା, ସରପଞ୍ଚ ଜଗଦୀଶ ଜେନା, ସରପଞ୍ଚ ମାନସ ଯେନା ମଞ୍ଚରେ ଉପସ୍ଥିତ ଥିବା ବେଳେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନେ ଆଜିର କର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାଜ୍ୟ ସରକାର ମହିଳା ମାନଙ୍କୁ ଆର୍‌ôଥକ କ୍ଷେତ୍ରରେ ଓ ସାମାଜିକ କ୍ଷେତ୍ରରେ ସହାୟତା ପ୍ରଦାନ କରୁଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ପାଇଁ ଧନ୍ୟବାଦର ପାତ୍ର ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରୀ ବ୍ଲକ ଅଧକ୍ଷ ଅଶୋକ କୁମାର ଗେଡ଼ି ମତ ରଖିଥିଲେ।

**ଧର୍ମଶାଳା:** ଧର୍ମଶାଳା ବ୍ଲକରେ ପ୍ରଥମ ଦଫାରେ ୧୮୨୩ ଏସଏଚଜି ଗୋଷ୍ଠିଙ୍କୁ ୯କୋଟି ୯୪ଲକ୍ଷ ୨୮ ହଜାର ଟଙ୍କା ସୁଧ ଫେରାଯାଇଛି। ବୋଲି ବ୍ଲକ ମିଶନଶକ୍ତି ମୁଖ୍ୟ ନିର୍ମଳ କୁମାର ଦାସ ସୂଚନା ଦେଇଛନ୍ତି। ମିଶନଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠିଙ୍କ ବ୍ୟାଙ୍କ ଖାତାରେ ଏହି ସୁଧଟଙ୍କା ଫେରସ୍ତ କରାଯାଇଛି। ଏହି ବ୍ଲକରେ ୩୪୩୫ଏସଏଚଜି ଗୃପ ପିକୃତ ହୋଇ ଋଣ ନେଇଥିବା ବେଳେ ସେଥିମଧ୍ୟରୁ ଯେଉଁମାନେ ୫ଲକ୍ଷ ଟଙ୍କାରୁ ଅଧିକ ଋଣ ନେଇ ସୁଧ ପଇଠ କରିଥିବା ୧୮୨୩ ସ୍ୱୟଂ ସହାୟକ ଗୋଷ୍ଠିମାନଙ୍କ ଏହି ସୁଧ ଫେରସ୍ତ କରାଯାଇଛି। ଏହି ବ୍ଲକରେ ମିଶନଶକ୍ତି ଗୃପରେ ନଥାଇ ବହୁ ସ୍ୱୟଂ ସହାୟକ ଗୋଷ୍ଠି ପିକୃତ ହୋଇ ଋଣ ନେଇଥିଲେ ମଧ୍ୟ ସେମାନଙ୍କ ସୁଧ ଛାଡ ହୋଇନଥିବାରୁ ସେମାନଙ୍କ ମଧ୍ୟରେ ଅସୋନ୍ତଷ ପ୍ରକାଶ ପାଇଛି। ତେବେ ଧର୍ମଶାଳା ବ୍ଲକର ମିଶନଶକ୍ତିରେ ପଞ୍ଜିକୃତ ହୋଇନଥିବା ଏସଏଚ୍‌ଜି ଗୃପ ଆବେଦନ କଲେ ସେମାନଙ୍କ ସୁଧ ଛାଡ ପାଇଁ ସରକାର ବିଚାର କରିପାରନ୍ତି ଏବଂ ମିଶନଶକ୍ତିରେ ପଞ୍ଜିକୃତ ଅବଶିଷ୍ଟ ୧୬୧୨ ସ୍ୱୟଂ ସହାୟକ ଗୋଷ୍ଠିଙ୍କୁ ପରବର୍ତ୍ତି ପର୍ଯ୍ୟାୟରେ ସୁଦ୍ଧ ଟଙ୍କା ଫେରସ୍ତ କରାଯିବ ବୋଲି ମିଶନଶକ୍ତିର ମୁଖ୍ୟ ନିର୍ମଳ କୁମାର ଦାସ ସୂଚନା ଦେଇଛନ୍ତି।

**ଦାନଗଦୀ:** ଦାନଗଦୀ ବ୍ଲକ ର ୫୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ସୁଧ ଟଙ୍କା ଫେରସ୍ତ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ। ସୁଧ ଟଙ୍କା ଫେରିପାଇବା ପରେ ମହିଳା ମାନେ ମୁଖ୍ୟମନ୍ତ୍ରୀ ଙ୍କୁ ଧନ୍ୟବାଦ ଦେଇଛନ୍ତି। ମୋଟ ୫୦ ଟି ଗୋଷ୍ଠୀ କୁ ମୋଟ ୧୧ ଲକ୍ଷ ୨୨ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ଦାନଗଦି ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ ଉପସ୍ଥିତ ରହି ମହିଳାଙ୍କ ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସକୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରେ ଦାନଗଦି ବ୍ଲକ ପରିସରରେ ଅୟୋଜିତ କାର୍ଯ୍ୟକ୍ରମ ରେ ଉପସ୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କୁ ଚେକ ଆକାରରେ ଅର୍ଥ ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା।ଏହି କାର୍ଯ୍ୟକ୍ରମ ରେ ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ସିଡିପିଓ ନନ୍ଦିନୀପ୍ରଭା ଲେଙ୍କା, ପଞ୍ଚାୟତ ସମିତି ଅଧ୍ୟକ୍ଷା ଅର୍ଚନା ଦାସ, ଜିଲା ପରିଷଦ ସଭ୍ୟା ସୁଚିତ୍ରା ବିଶ୍ୱାଳ, ଟିନା ହାଇବୃ ଓ ସ୍ମୃତିରାଣୀ ରାଉତ, ବିପିଏମ ରବୀନ୍ଦ୍ର ଜେନା, ବିପିସି ସସ୍ମିତା ସାମଲ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଜୟ କୁମାର ବିନ୍ଧାଣୀ, ଦାନଗଦି ବିଏଲଏଫ୍ ସଭାନେତ୍ରୀ କୁସୁମ ଘଡାଇ ଓ ସମ୍ପାଦିକା କୌଶଲ୍ୟା ବଳ, ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ପାର୍ଥ ସାରଥି ଜେନା ପ୍ରମୂଖ ଉପସ୍ଥିତ ରହିଥିଲେ।





## ସୁକିନ୍ଦା ଜଗନ୍ନାଥ ମନ୍ଦିର ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ସୁକିନ୍ଦା, ୨୭।୨(ସମିସ):** ସୁକିନ୍ଦା ଜଗନ୍ନାଥ ମନ୍ଦିର ନୂତନ ବିଗ୍ରହଙ୍କ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଓଡ଼ିଶା ସରକାରଙ୍କ ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ଯାଜପୁର ଜିଲ୍ଲାର ସର୍ବ ପୁରାତନ ଏହି ମନ୍ଦିରର ନୂତନ ଚତୁର୍ଦ୍ଧାବିଗ୍ରହ ମୂର୍ତ୍ତୀ ପ୍ରତିଷ୍ଠା ଉତ୍ସବ ସୋମବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। ୨୬ ତାରିଖରୁ ଆରମ୍ଭ ହୋଇଥିବାବେଳେ ୨୯



ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଆସନ୍ତା ୧ ତାରିଖରେ ସାହାଣ ମେଳାରେ ନୂତନ ବିଗ୍ରହଙ୍କ ଦର୍ଶନ ମିଳିବ। ସୋମବାର ସନ୍ଧ୍ୟାରେ ଅଙ୍କୁରାରୋପଣ ପୂଜାର୍ଚ୍ଚନାରେ ସୁକିନ୍ଦାଗଡ଼ ରାଜା ସାହେବ ଭୁଦେବ ଭୂପତି ହରିଚନ୍ଦନ ମହାପାତ୍ର କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ। ସନ୍ଧ୍ୟା ପୂଜାର୍ଚ୍ଚନାରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଯୋଗ ଦେଇ ଆର୍ଶିବାଦ କାମନା କରିଥିଲେ। ସୁକିନ୍ଦା ତହସିଲଦାର ଦମୟନ୍ତୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହା ଆଡ଼ମ୍ବରରେ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ଦିନ କଳସ ବୁଡ଼ା କାର୍ଯ୍ୟକ୍ରମ ପରେ ଯଥାବିଧି ହୋମ ଯଜ୍ଞାଦୀ କାର୍ଯ୍ୟକ୍ରମ ଜାରି ରହିଛି। ସମସ୍ତ ଭକ୍ତଙ୍କ ପାଇଁ ଦୈନିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଦୈନିକ ସନ୍ଧ୍ୟାରେ ଜଗନ୍ନାଥ ଗବେଷକଙ୍କ ପ୍ରବଚନ ଓ ବିଭିନ୍ନ ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ସମାରୋହ କାର୍ଯ୍ୟକ୍ରମ ଜାରି ରହିଛି।

## ସହିଦ ତୁଷାର ମହାନ୍ତିଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ

**ଷଠିପୁର, ୨୭।୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପଥରପଦା ଡ଼ାଇଭର୍ସନ ନିକଟରେ ରବିବାର ଦୁର୍ଘଟଣାରେ ପ୍ରାଣ ହରାଇଥିବା ବାୟୁସେନା କର୍ମଚାରୀ ସ୍ୱର୍ଗତ ତୁଷାର ମହାନ୍ତିଙ୍କର ଅନ୍ତ୍ୟେଷ୍ଟିକ୍ରିୟା ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ବୈତରଣୀ ମହାଶ୍ମଶାନରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା



ସହିତ ସମ୍ପନ୍ନ ହୋଇଛି। ତୁଷାର କୋରାଇ ବ୍ଲକ ମୁଳାପାଳ ପଞ୍ଚାୟତ ଅନ୍ତର୍ଗତ ମୁଳାପାଳ ଗ୍ରାମର ସ୍ୱର୍ଗତ ଶ୍ରୀଧର ମହାନ୍ତିଙ୍କ ଏକ ମାତ୍ର ପୁତ୍ର। ବାୟୁ ସେନା ପକ୍ଷରୁ ତାଙ୍କୁ ଗାର୍ଡ଼ ଅଫ ଅନର ପ୍ରଦାନ କରାଯାଇଥିଲା। ସେ ମୁମ୍ବାଇର ନାସିକସ୍ଥିତ ବାୟୁ ସେନାର କାର୍ଯ୍ୟାଳୟର କର୍ମଚାରୀ ହୋଇଥିବା ବେଳେ ଉକ୍ତ କାର୍ଯ୍ୟାଳୟର ଏୟାର ଅଫିସର ପି କେ ସିହ୍ନାଙ୍କ ସହିତ ପଶ୍ଚିମବଙ୍ଗ ରାଜ୍ୟର ଖଡ଼ଗପୁର କଲେଇକୁଣ୍ଡା ବାୟୁ ସେନା କାର୍ଯ୍ୟାଳୟ ପକ୍ଷରୁ ସର୍ଜେଣ୍ଟ ପ୍ରଦୀପ ଧନକଡ, ସୁରେନ୍ଦ୍ର ସିଂ, ୱାରେଣ୍ଟ ଅଫିସର ପ୍ରଦୀପ କୁମାର ଶତପଥିଙ୍କ ନେତୃତ୍ୱରେ ୨୫ ଜଣ ଯବାନ ଶହୀଦ ତୁଷାରଙ୍କ ଶବାଧାରରେ ସାମିଲ ହେବା ସହିତ ତୋପ ସଲାମୀ ଦେଇଥିଲେ। ପରେ ତୁଷାରଙ୍କ ପୁତୁରା ସୌଭାଗ୍ୟ ମହାନ୍ତି ମୁଖାଗ୍ନୀ ଦେଇଥିଲେ। ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ, ରାଜନୈତିକ ବ୍ୟକ୍ତିବୃନ୍ଦ, ପାଣିକୋଇଲି ପୁଲିସ, ପାଣିକୋଇଲିର କାର୍ଯ୍ୟରତ ସାମ୍ବାଦିକ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ।

## ବିଜେଡିର କୋରେଇ ବ୍ଲକସ୍ତରୀୟ ପରିଚାଳନା କମିଟି ଗଠିତ

**କୋରେଇ, ୨୭।୨(ସମିସ):** କୋରେଇ ବିଧାୟକ ଅଶୋକ କୁମାର ବଳଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଜନତା ଦଳ ପକ୍ଷରୁ ୨୮ଗୋଟି ଗ୍ରାମ ପଞ୍ଚାୟତକୁ ନେଇ ବ୍ଲକସ୍ତରୀୟ ପରିଚାଳନା କମିଟି ଘୋଷଣା କରାଯାଇଛି। ଏନେଇ ବ୍ଲକ ସଭାପତି ଭକ୍ତ ବତ୍ସଳ ସ୍ୱାଇଁ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି। ତଦନୁଯାୟୀ ପରିଚଳାନା କମିଟିର ସଭାପତି ଭକ୍ତ ବତ୍ସଳ ସ୍ୱାଇଁ, ସାଧାରଣ ସମ୍ପାଦକ ଜୟନ୍ତ କୁମାର ନାୟକ, ଉପସଭାପତି ଉପେନ୍ଦ୍ର କର, ପରିକ୍ଷୀତ ରାଉତ, ହେମନ୍ତ କୁମାର ଜେନା, ହେମନ୍ତ କୁମାର ମହାପାତ୍ର, ସୁରେଖା ସେଠୀ, ମଧୁସୂଦନ ନନ୍ଦୀ, ସମ୍ପାଦକ ଭାବେ ପ୍ରଦୀପ୍ତ ମହାନ୍ତି, ସୁକର୍ଣ୍ଣ ରାଉତ, ଦେବକାନ୍ତ ଜେନା, ରମେଶ ଚନ୍ଦ୍ର ମହାନ୍ତି, ସେକ ମୁଜବୁର ରହେମାନ, ପ୍ରଫୁଲ୍ଲ କୁମାର ଜେନା, ବ୍ରଜ କିଶୋର ପଟ୍ଟନାୟକ, ସୁଶାନ୍ତ ବିଶ୍ୱାଳ, ସଭ୍ୟଭାବେ ପ୍ରଶାନ୍ତ କୁମାର ସାହୁ, ଅଶୋକ କୁମାର ସ୍ୱାଇଁ, ସେକ ମୁକ୍ତାର, ସେକ ଇମରାନ ଅଲ୍ଲୀ, ପ୍ରମୋଦ ମହାନ୍ତି, ରଙ୍ଗାଧର ଖଟୁଆ, ଅଲେଖ ପ୍ରସାଦ କୁଣ୍ଡୁ, ଭିକାରୀ ବରାଳ, ପ୍ରସନ୍ନ ମିଶ୍ର, ଦେବବ୍ରତ ମହାନ୍ତି, ସୁରେନ୍ଦ୍ର ମିଶ୍ର, ଅଦୈତ୍ୟ ଦାଶ, ରମାକାନ୍ତ ସ୍ୱାଇଁ, ପ୍ରମୋଦ ରାଉତ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସନାତନ ଖଣ୍ଡାଇ, ସନ୍ତୋଷ କୁମାର ସାହୁ, କଲିମୁଦ୍ଦିନ ହଜାରୀ ପ୍ରମୁଖ ମୋଟ ୩୪ଜଣଙ୍କୁ ନେଇ ନୂତନ କମିଟି ଚୟନ କରାଯାଇଛି।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ରିସ୍ତା ପ୍ରୋଜେକ୍ଟ ପକ୍ଷରୁ 'ସାଥିଆ ସମାରୋହ'



**ଦାନଗଦୀ ୨୭।୨(ସମିସ):** ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ରିସ୍ତା ପ୍ରୋଜେକ୍ଟ ପକ୍ଷରୁ ଏକ ଦିନିକିଆ'ସାଥିଆ ସମାରୋହ' ମଙ୍ଗଳବାର ଦିନ ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ମିଲିଟାରୀ ଛକ ନିକଟସ୍ଥ ଏମଆଇପିଏଲ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସସିପିସିଆର) ଅଧ୍ୟକ୍ଷା ମନ୍ଦାକିନୀ କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଯାଜପୁର ଜିଲ୍ଲା ଶିଶୁ ସୁରକ୍ଷା କମିଟିର ଅଧ୍ୟକ୍ଷା ରେକ୍ସୋନା ଜେନା, ଯାଜପୁର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ନିରନ କର, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍) ଲଙ୍କେଶ୍ୱର ଅମାତ୍, ରିସ୍ତା ପ୍ରକଳ୍ପ ପ୍ରବନ୍ଧକ ରୋହିତ ରଞ୍ଜନ ପଲ୍ମି ଓ କଳିଙ୍ଗନଗର ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ୟୁନିଟ୍ ମୁଖ୍ୟ ଆଲେନ୍ କିମ୍‌ଜୋସେଫ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦିନିକିଆ କାର୍ଯ୍ୟକ୍ରମରେ ଦାନଗଦୀ ଓ ସୁକିନ୍ଦା ବ୍ଲକର ୭୦ ଜଣ କିଶୋରକିଶୋରୀ ଅଂଶଗ୍ରହଣ କରିଥିଲେ। ପୂର୍ବରୁ ଆୟୋଜିତ ଏକ ଉନ୍ନତ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପନ୍ନ କରିଥିବା ଏହି ୭୦ ଜଣ ସାଥିଆ/ସହକର୍ମୀ ଶିକ୍ଷାଦାତାଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉନ୍ନତ ତାଲିମ ପାଇବା ପରେ, ଏହି ସାଥିଆ/ସହକର୍ମୀ ଶିକ୍ଷାଦାତାମାନେ ଅନ୍ୟ ସାଥିଆମାନଙ୍କୁ ଜ୍ଞାନ ହସ୍ତାନ୍ତର କରୁଛନ୍ତି। ଏହି ଅବସରରେ ପ୍ରତିଯୋଗୀମାନଙ୍କୁ ପ୍ରଜନନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇଇସି) ସାମଗ୍ରୀ ସମ୍ବଳିତ 'ସାଥିଆ କିଟ୍' ବଣ୍ଟନ କରାଯାଇଥିଲା।ପ୍ରଜନନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଜ୍ଞାନ ଏବଂ ସମ୍ବଳ ସହିତ କିଶୋର ଓ କିଶୋରୀମାନଙ୍କୁ ସଶକ୍ତ କରିବା ଦିଗରେ 'ସାଥିଆ ସମାରୋହ' ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପ୍ରୋଜେକ୍ଟ ରିସ୍ତା ହେଉଛି ଏକ ଗୋଷ୍ଠୀ ଭିତିକ ଏବଂ ଯୁବ ନେତୃତ୍ୱାଧୀନ କାର୍ଯ୍ୟକ୍ରମ ଯାହା ଗ୍ରାମୀଣ ଅଞ୍ଚଳରେ କମ୍ ବୟସର ବିବାହକୁ ହ୍ରାସ କରିବାକୁ ଲକ୍ଷ୍ୟ ରଖିଛି। ବାଲ୍ୟ ବିବାହ ନିବାରଣ, କିଶୋର ପ୍ରଜନନ ଯୌନ ସ୍ୱାସ୍ଥ୍ୟ (ଏଆର୍‌ଏସ୍‌ଏଚ୍) ଶିକ୍ଷା ଏବଂ ଯୁବ ବିକାଶ ସୁଯୋଗ ଉପରେ ଯୁବବର୍ଗମାନଙ୍କୁ ପରାମର୍ଶଦେବା ପାଇଁ ଏହି କାର୍ଯ୍ୟକ୍ରମରେ ସାଥିଆମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି।

## ବାଇକ୍ ସହ ୧୮ କେଜି ଗଞ୍ଜେଇ ଜବତ;୨ ଗିରଫ

**ବ୍ୟାସନଗର, ୨୭।୨(ସମିସ):** ଅବକାରୀ ମୋବାଇଲ ସ୍କ୍ୱାଡ ପକ୍ଷରୁ ମଙ୍ଗଳବାର ଗୋଶାଳା ଛକରେ ଚଢ଼ଉ କରାଯାଇ ଗାଡି ସହିତ ୧୮ କେଜି ଗଞ୍ଜେଇ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ସୂଚନା ମୁତାବକ ଅବକାରୀ ଅଧିକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ମୋବାଇଲ ସ୍କ୍ୱାର୍ଡ ଅଧିକାରିଣୀ ବିଜୟଲକ୍ଷ୍ମୀ ଦାସ ଯାଜପୁର ଥାନା ଗୋଶାଳା ଛକରେ ଚଢଉ କରିଥିଲେ। ଏହି ସମୟରେ ୨ଜଣ ବ୍ୟକ୍ତି ଦୋକାନରେ ଗଞ୍ଜେଇ ରଖି ବିକୁଥିବା ଦେଖି ଗିରଫ କରିଥିଲେ। ଗିରଫ ବ୍ୟକ୍ତି ହେଲେ କୋପଣ୍ଡ ଗାଁର ନିତ୍ୟାନନ୍ଦ ମଲ୍ଲିକ ଓ ନିରଞ୍ଜନ ମଲ୍ଲିକ। ସେପଟେ ଅବକାରୀ ବିଭାଗ ପକ୍ଷରୁ ଏହି ଅଭିଯୁକ୍ତଙ୍କୁ ଗିରଫ ପରେ ମାମଲା ରୁଜୁ କରି ଯାଜପୁର ରୋଡ଼ କୋର୍ଟକୁ ଚାଲାଣ କରିଛି। ଚଢଉରେ ସବ-ଇନସିପେକ୍ଟର ବିଭୂପ୍ରସାଦ ସାହୁ, ଶ୍ରୀକାନ୍ତ ପଣ୍ଡା, ଏସ୍‌ଆଇ କ୍ଷୀରୋଦ କୁମାର ସାହୁ କର୍ମଚାରୀ ବିକ୍ରମ ବେହେରା, ସତ୍ୟବାଦୀ ଭୋଇ ଓ ଲିପ୍‌ସା ସାହୁ ପ୍ରମୁଖ ସାମିଲ ଥିଲେ।

## ମଲ୍ଲିପୁର ନବଗ୍ରହ ମନ୍ଦିରକୁ ନେଇ ତେଜିଲା ବିବାଦ

**ମଙ୍ଗଳପୁର, ୨୭।୨(ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ ମଲ୍ଲିପୁର ଗ୍ରାମରେ ଅବସ୍ଥିତ ନବଗ୍ରହ ମନ୍ଦିରକୁ ନେଇ ଏବେ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ମଲ୍ଲିପୁର ଗ୍ରାମର କିଛି ଗ୍ରାମବାସୀଙ୍କ କହିବା ଅନୁଯାୟୀ ଗ୍ରାମର ଉମାକାନ୍ତ ପାତ୍ର ମନ୍ଦିର ନିର୍ମାଣ ପାଇଁ ନିଜ ସମ୍ପତି ଦାନ କରିବା ସହ ମନ୍ଦିର ନିର୍ମାଣ ପାଇଁ ସେ ଗାଁ ଗାଁ ବୁଲି ଅର୍ଥ ସହଯୋଗ ଆଣିବା ଏବଂ ଉମାକାନ୍ତ ପାତ୍ରଙ୍କ ପ୍ରଚେଷ୍ଟାରେ ସରକାରଙ୍କ ଠାରୁ କିଛି ଅର୍ଥ ଆଣି ମନ୍ଦିର ନିର୍ମାଣ କରିଥିବା ନେଇ ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି। ବର୍ତ୍ତମାନ ମନ୍ଦିରଟି ଯେଉଁ ସ୍ଥାନରେ ଅବସ୍ଥିତ ସେହି ଜାଗାଟି ଉମାକାନ୍ତ ପାତ୍ରଙ୍କ ଭାଇ ସନ୍ତୋଷ କୁମାର ପାତ୍ରଙ୍କର ବୋଲି ମଧ୍ୟ ଗ୍ରାମବାସୀ କହିଛନ୍ତି।

ପ୍ରକାଶ ଥାଉକି ୨ ଦିନ ପୂର୍ବେ ମନ୍ଦିରର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଥିବା ବେଳେ ବାର୍ଷିକ ଉତ୍ସବକୁ ଉମାକାନ୍ତ ପାତ୍ରଙ୍କୁ ନଡାକିବାକୁ ନେଇ ତାଙ୍କ ସମ୍ପ୍ରଦାୟ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏସମ୍ପର୍କରେ ଉମାକାନ୍ତ ପାତ୍ରଙ୍କୁ ପଚାରିବାରୁ ଆଜିକୁ ୨୪ ବର୍ଷ ପୂର୍ବରୁ ମୁଁ ଓ କିଛି ଗ୍ରାମବାସୀଙ୍କ ସହଯୋଗରେ ମନ୍ଦିର ନିର୍ମାଣ ହୋଇଥିଲା। ବର୍ତ୍ତମାନ ଆମ ସମ୍ପ୍ରଦାୟର କିଛି ଅସାଧୁ ବ୍ୟକ୍ତି ମତେ ଚକ୍ରାନ୍ତ କରି ମନ୍ଦିର କମିଟିରୁ ୩ ବର୍ଷ ହେବ ବାଦ ଦେବାସହ ମନ୍ଦିରକୁ ଜବରଦଖଲ କରି ରଖିଛନ୍ତି। ଏଥିସହ ମନ୍ଦିର ପରିଚାଳନାରେ ବିଭିନ୍ନ ତ୍ରୁଟିକୁ ନେଇ ଶ୍ରୀ ପାତ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବର୍ତ୍ତମାନ କମିଟିର ସମ୍ପାଦକ ରଜନୀକାନ୍ତ ନାୟକଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିଲେ। ତଦନ୍ତ ପରେ ପ୍ରକୃତ ସତ ପଦାକୁ ଆସିବ ବୋଲି ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି।

## ଗଞ୍ଜେଇ ଜବତ, ଜଣେ ଗିରଫ

**କବାଟବନ୍ଧ, ୨୭।୨(ସମିସ):** ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଜେନାପୁର ଥାନା ଅଞ୍ଚଳରେ ଚଢ଼ଉ କରାଯାଇ ଜଣେ ଚୋରା ଗଞ୍ଜେଇ ବେପାରୀକୁ ଗିରଫ ସହିତ ତା' ନିକଟରୁ ୨କେଜି ୧ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଗିରଫ ଜଣଙ୍କ ହେଲେ ଜେନାପୁର ଥାନା ଅନ୍ତର୍ଗତ ଗଡ଼ମଧୁପୁର ଗ୍ରାମର ବାସୁଦେବ ମଲିକ (୬୮)। ଅବକାରୀ ବିଭାଗ ସୂଚନା ମୁତାବକ ବାସୁଦେବ ତାଙ୍କ ଗାଁ ରାସ୍ତାରେ ଗଞ୍ଜେଇ ନେଇ ଯାଉଥିବାବେଳେ ଅବକାରୀ ବିଭାଗ ହାବୁଡରେ ପଡ଼ିଥିଲେ। ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ବାସୁଦେବକୁ କୋର୍ଟ ଚାଲାଣ କରାଯାଇଛି।

## ଓଳାଶୁଣୀ ଉନ୍ନୟନ ଟ୍ରଷ୍ଟ ପକ୍ଷରୁ ସମୀକ୍ଷା ବୈଠକ

**ବାଲିଚନ୍ଦ୍ରପୁର, ୨୭।୨(ସମିସ)**



ଓଳାଶୁଣୀ ଗୁମ୍ଫା ମହୋତ୍ସବ ପାଳନ ପରେ ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ପକ୍ଷରୁ କାର୍ଯ୍ୟନିର୍ବାହୀ ପରିଷଦର ବୈଠକ ମା' ଓଳାଶୁଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟର ବରିଷ୍ଠ ସଦସ୍ୟ ତଥା ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ବଟକୃଷ୍ଣ ସାମଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ଟ୍ରଷ୍ଟର ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ କାର୍ଯ୍ୟକ୍ରମ ପାଳନ ନେଇ ସମସ୍ତଙ୍କର ସହଯୋଗ ଲାଗି ଉତ୍ସବରେ ଯୋଗଦେଇଥିବା ବରେଣ୍ୟ ଅତିଥି, ଉତ୍ସବର ମାଣ୍ୟଗଣ୍ୟ ସାଧୁସନ୍ଥ, ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ଗଣମାଧ୍ୟମ ବନ୍ଧୁମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଟ୍ରଷ୍ଟର କୋଷାଧ୍ୟକ୍ଷ ସ୍ନେହାଶିଷ ସାମଲ ଓଳାଶୁଣୀ ଗୁମ୍ଫା ମହୋତ୍ସବ କାର୍ଯ୍ୟକ୍ରମ ଆୟୋଜନ ସଂକ୍ରାନ୍ତରେ ଚଳିତବର୍ଷର ଆୟବ୍ୟୟ ଖର୍ଚ୍ଚ ଉପସ୍ଥାପନ କରିଥିଲେ ଏବଂ ତାହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ ଓଳାଶୁଣୀ ଗୁମ୍ଫାପୀଠର ଧାର୍ମିକ, ସାଂସ୍କୃତିକ ଓ ପର୍ଯ୍ୟଟନ ବିଭବକୁ ଅଧିକ ପରିବ୍ୟାପ୍ତ କରିବା ତଥା ସନ୍ଥସାଧକ ଅରକ୍ଷିତଙ୍କ ଜୀବନୀ ଦର୍ଶନ ଓ ଚିନ୍ତନ ସମ୍ପର୍କରେ ବ୍ୟାପକ ଗବେଷଣା ଓ ଅଧ୍ୟୟନ କରାଯିବ ଉଚିତ ବୋଲି ମତବ୍ୟକ୍ତ କରିଥିଲେ।

ରାଜ୍ୟର ବିଭିନ୍ନ ସ୍ଥାନରେ ଟ୍ରଷ୍ଟ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବର୍ଷକୁ ଭିନ୍ନ ଭିନ୍ନ ସ୍ଥାନରେ ଟ୍ରଷ୍ଟ ପକ୍ଷରୁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ବୈଠକ ଆୟୋଜନ କରାଯିବ ବୋଲି ବରିଷ୍ଠ ସଦସ୍ୟ ବଟକୃଷ୍ଣ ସାମଲ ଓ ଦାମୋଦର ସ୍ୱାଇଁ ଆଗତ କରିବା ପ୍ରସ୍ତାବକୁ ଗ୍ରହଣ କରାଯାଇଥିଲା। ମା' ଓଳାଶୁଣୀଙ୍କ ପୀଠର ସର୍ବାଙ୍ଗୀନ ବିକାଶ କରାଯିବା ସହିତ ଏହି ଅଞ୍ଚଳର ଧାର୍ମିକ ଓ ସାଂସ୍କୃତିକ ପୀଠର ଉନ୍ନତି କରାଯିବା ସମ୍ପର୍କରେ ଆଗତ ପ୍ରସ୍ତାବ ଗୃହୀତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନର ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ପୂର୍ବତନ ସରପଞ୍ଚ ତଥା ଟ୍ରଷ୍ଟର ସଦସ୍ୟ ଉମେଶ ଚନ୍ଦ୍ର ସାମଲ, ଶିକ୍ଷାବିତ୍ ରାଜେନ୍ଦ୍ର ପ୍ରସାଦ ସାମଲ, ବସନ୍ତରାଜ ସାମଲ, ଚଣ୍ଡୀଖୋଲ ବାରଆସୋସିଏନର ସମ୍ପାଦକ ତଥା ସରକାରୀ ଅଧିବକ୍ତା ପ୍ରକାଶ କୁମାର ଦାଶ, ଟ୍ରଷ୍ଟି ତଥା ବରିଷ୍ଠ ସାମ୍ବାଦିକ ବିରୂପାକ୍ଷ ତ୍ରିପାଠୀ, ଅଲେଖ ଚନ୍ଦ୍ର ସାମଲ, ଅଶୋକ କୁମାର ସାମଲ, ଦେବଦତ୍ତ ସାମଲ, ରଜନୀକାନ୍ତ ସାମଲ ପ୍ରମୁଖ ଯୋଗଦେଇ ଆଲୋଚନାରେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଓଳାଶୁଣୀ ପୀଠର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଜନସଚେତନତା ଆଣିବା ସହିତ ଏ ସମ୍ପର୍କରେ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯିବାକୁ ବୈଠକରେ ସର୍ବସମ୍ମତି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ଏବଂ ଏ ସଂକ୍ରାନ୍ତରେ ରାଜ୍ୟ ସରକାର, ଯାଜପୁର ଜିଲ୍ଲା ପ୍ରଶାସନ ଓ ଦେବୋତ୍ତର ବିଭାଗ ନିକଟରେ ଲିଖିତପତ୍ର ପ୍ରଦାନ କରାଯାଇ ପଦକ୍ଷେପ ଗ୍ରହଣ କରାଯିବା ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା।

